



■ ଚକ୍ରଧରପୁର ବର୍ଜ୍ୟ ଜମା ସ୍ଥଳ ପରିଦର୍ଶନ କଲେ ସିଏମ୍‌ସି କମିଶନର

## ଖୁବ୍‌ଶୀଘ୍ର ହେବ ବାୟୋ ମାଇନିଂ କାରଖାନା





କଟକ, ୮ ।୨(ସମିସ): କଟକ ସହରରୁ ବାହାରୁ ଥିବା ଆବର୍ଜନାକୁ ନଷ୍ଟ କରାଯାଇପାରୁ ନାହିଁ । ପ୍ରାୟ ୩୦ ପ୍ରତିଶତ ଆବର୍ଜନା ବିଭିନ୍ନ ଖତ କେନ୍ଦ୍ର ଓ ଏମଆରଏଫ କେନ୍ଦ୍ର ମାଧ୍ୟମରେ ନଷ୍ଟ କରାଯାଉଛି । ବାକି ୭୦ ପ୍ରତିଶତ ଆବର୍ଜନା ନଷ୍ଟ ହୋଇପାରୁନାହିଁ । ଫଳରେ ପରିବେଶ ପ୍ରଦୂଷିତ ହେବା ସହିତ ସହରୀ ଜୀବନ ଉପରେ କୁପ୍ରଭାବ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ କଟକ ମହାନଗର ନିଗମ(ସିଏମସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ସିଏମସି କମିଶନର ଶ୍ରୀ ସ୍ୱାଇଁ ଚକ୍ରଧରପୁରସ୍ଥିତ ବର୍ଜ୍ୟ ଜମା ସ୍ଥଳ ପରିଦର୍ଶନ କରିଛନ୍ତି । କଟକ ସହରରୁ ବାହାରୁଥିବା ଅଳିଆ ଆବର୍ଜନା ଦୈନିକ ଚକ୍ରଧରପୁରସ୍ଥିତ ବର୍ଜ୍ୟ ଜମା ସ୍ଥଳରେ ଗଦା କରାଯାଉଛି । ସହରରୁ ଦୈନିକ ୭୦ରୁ ଅଧିକ ମେଟ୍ରିକ ଟନ୍ ଓଦା ଓ ଶୁଖିଲା ଅଳିଆ ବାହାରୁଛି । ସେଥିମଧ୍ୟରୁ ମାତ୍ର ୩୦ ମେଟ୍ରିକ୍ ଟନ୍ ଅଳିଆ ସିଏମସି ନଷ୍ଟ କରିପାରୁଛି । ବାକି ୪୦ ମେଟ୍ରିକ ଟନ୍ ଆବର୍ଜନା ଖତ ହୋଇପାରୁନାହିଁ । ସେଥିଲାଗି ସିଏମ୍‌ସି ବାୟୋ ମାଇନିଂ କାରଖାନା ନିର୍ମାଣ କରିବ । ନଷ୍ଟ ହୋଇପାରୁ ନ ଥିବା ବର୍ଜ୍ୟବସ୍ତୁକୁ ଯାନ୍ତ୍ରିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯିବ । ୨୭ ଏକର ପରିମିତ ଏହି ବର୍ଜ୍ୟ ଜମା ସ୍ଥଳ ପରିସୀମା ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି । ନିକଟରେ ଥିବା ଜମିକୁ ଅଧିଗ୍ରହଣ କରାଯାଇ ଚକ୍ରଧରପୁରରୁ ବର୍ଜ୍ୟ ଜମା ସ୍ଥଳକୁ ସମ୍ପ୍ରସାରିତ କରାଯିବ । ଏହି ବାୟୋ ମାଇନିଂ କାରଖାନା ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସିଏମସି ପକ୍ଷରୁ ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି ।

## ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପ୍ରଶିକ୍ଷଣ




କଟକ, ୮।୨(ସମିସ): କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲର ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଦୁଇ ଦିବସୀୟ ନିରନ୍ତର ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟେଲି ମାନସର ପରାମର୍ଶଦାତାଙ୍କୁ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ପ୍ରଫେସର ଡା. ଶାରଦା ପ୍ରସନ୍ନ ସ୍ୱାଇଁ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ମାନସିକ ସ୍ୱାସ୍ଥ୍ୟ) ଡା. ପ୍ରମିଳା ବରାଳ ଯୋଗଦେଇଥିଲେ । ଏହି ଅବସରରେ ପ୍ରଫେସର ଡା. ସ୍ୱାଇଁ ମାନସିକ ସ୍ୱାସ୍ଥ୍ୟ ସେବାର ପରିସର ତଥା ବୃତ୍ତିଗତ ଦକ୍ଷତା ବୃଦ୍ଧି ଏବଂ ସେବା ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଡା. ବରାଳ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଟେଲି ମାନସର ଅଭୁତପୂର୍ବ ଅଗ୍ରଗତି ତଥା ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ପ୍ରମୁଖ ସହକାରୀ ପ୍ରାଧ୍ୟାପିକା ଡା. ପଲ୍ଲବୀ ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପରାମର୍ଶଦାତା ମାନେ ସେମାନଙ୍କର ବ୍ୟବହାରିକ ଅଭିଜ୍ଞତା ବିଷୟରେ ମତ ବିନିମୟ କରିଥିଲେ । ଶେଷରେ ପ୍ରଶିକ୍ଷଣପ୍ରାପ୍ତ ପରାମର୍ଶଦାତାମାନଙ୍କୁ ପ୍ରତିଷ୍ଠାନର ମୁଖ୍ୟ ପ୍ରଫେସର ଡା. ସ୍ୱାଇଁ ପ୍ରମାଣପତ୍ର ସହ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ ସମ୍ପ୍ରତି ରାଜ୍ୟରେ ମାନସିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଟେଲି ମାନସ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ।

# ଏସ୍‌ସିବିରୁ ଦଲାଲ୍ ର୍ୟାକେଟ୍ ଠାବ, ୫ ଗିରଫ

କଟକ, ୮ ।୨(ସମିସ)

ଏସ୍‌ସିବି ମେଡିକାଲ ପରିସରରୁ ଏକ ଦଲାଲ ର୍ୟାକେଟ୍‌କୁ ଠାବ କରିଛି କମିଶନରେଟ୍ ପୁଲିସ । ସେମାନେ ଦୀର୍ଘଦିନ ହେବ ମେଡିକାଲ ପରିସରରେ ଦଲାଲି କରୁଥିବା ବେଳେ ରୋଗୀ ସମ୍ପର୍କୀୟଙ୍କୁ ଘରୋଇ ନର୍ସିଂହୋମ, କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଯିବାକୁ ବାଧ୍ୟ କରୁଥିଲେ । ଦୀର୍ଘଦିନ ହେବ ଏସ୍‌ସିବିରେ ଖରାପ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷଣରେ ତ୍ରୁଟି ଓ ଆଇସିୟୁରେ ସିଟ୍ ନଥିବା କହି ନିରୀହ ରୋଗୀ ସମ୍ପର୍କୀଙ୍କୁ ଭ୍ରମିତ କରୁଥିଲେ । ଏହାପରେ ମେଡିକାଲ ବାହାରେ ରହିଥିବା ଘରୋଇ ନର୍ସିଂହୋମ୍‌କୁ

**ନନ୍ଟ୍ରମା କାଜୁଆଲ୍ଟି ସମ୍ମୁଖରେ ଯୋଜନାବେଳେ ପୁଲିସର ଚଢ଼଼ଉ**

**୨ ରୋଗୀ ସମ୍ପର୍କୀୟଙ୍କୁ ଘରୋଇ ନର୍ସିଂହୋମ୍ ଯିବାକୁ ପ୍ରବର୍ତ୍ତାଉଥିଲେ**

**ଗିରଫଙ୍କ ମଧ୍ୟରେ ଜଣେ ଠିକା କର୍ମଚାରୀ ଓ ୪ ଆମ୍ବୁଲାନ୍ସ ଡ୍ରାଇଭର**

ସେମାନଙ୍କୁ ପଠାଇ ଟଙ୍କା ଲୁଟୁଥିଲେ । ଏସ୍‌ସିବି ଫାଣ୍ଡି ପୁଲିସ ମେଡିକାଲ ପରିସରରେ ପାଟ୍ରୋଲିଂ କରୁଥିବା ବେଳେ ୫ଜଣ ଦଲାଲଙ୍କୁ ଗିରଫ କରିଛି । ସେମାନେ ହେଲେ, ଯୋବ୍ରା ନୂଆସାହିର ତ୍ରିନାଥ ନାୟକ(୩୯), ଜଗତପୁର ପିରବଜାର ଅଞ୍ଚଳର ଏସ୍.କେ ମିଟୁନା, ତିର୍ତ୍ତୋଲ ବେଲପୁର ଅଞ୍ଚଳର ବିଶ୍ୱଜିତ୍ ପରିଡ଼ା(୨୮),



ସାଲପୁର ନନ୍ଦଲୋ ଅଞ୍ଚଳର ଅବଦୁଲ୍ ଖାନ୍(୩୩), ବଡମ୍ବା ବଡବରେଣା ଅଞ୍ଚଳର ଉତ୍କଳ ନାୟକ(୨୪) । ଏମାନଙ୍କ ମଧ୍ୟରୁ ତ୍ରିନାଥ ଏସ୍‌ସିବିରେ ନିୟୋଜିତ ଠିକା ସଂସ୍ଥା ମଞ୍ଜୁଶ୍ରୀର କର୍ମଚାରୀ ବୋଲି ଜଣାପଡ଼ିଛି । ଅନ୍ୟ ୪ଜଣ ଅଭିଯୁକ୍ତ ଘରୋଇ ଆମ୍ବୁଲାନ୍ସର ଡ୍ରାଇଭର ବୋଲି ଜଣାପଡ଼ିଛି । ପୁଲିସ କେସ୍-୪୭, ଆଇପିସିର ୟୁଏସ୍ ୪୧୯/୪୨୦/ ୩୮୭/୩୪ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆଜି ୫ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଘଟଣାକୁ ପୁଲିସ ଗୁରୁତର ସହିତ ନେଇ ଏସ୍‌ସିବି ପରିସରରେ ଚଢଉ ଜୋରଦାର କରିଥିବା ଜଣାପଡ଼ିଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ନନ୍ଟ୍ରମା କାଜୁଆଲଟି ସମ୍ମୁଖରେ ୩ ଜଣ ଦଲାଲ କେତେକ ରୋଗୀ ସମ୍ପର୍କୀଙ୍କୁ ଘରୋଇ ନର୍ସିଂହୋମକୁ ନେବା ପାଇଁ ପ୍ରବର୍ତ୍ତାଉ ଥିବା ଏସ୍‌ସିବି ଫାଣ୍ଡିର ଏଏସଆଇ ସୁବାସ ଚନ୍ଦ୍ର ଦେହୁରୀ ଖବର ପାଇଥିଲେ । ଏହାପରେ ପାଟ୍ରୋଲିଂ କରୁଥିବା ଅନ୍ୟ ପୁଲିସ ଟିମ୍ ସହିତ ଏଏସ୍‌ଆଇ ଶ୍ରୀ ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଅଭିଯୁକ୍ତ ମଞ୍ଜୁଶ୍ରୀ କର୍ମଚାରୀ ତ୍ରିନାଥକୁ ଧରି ନେଇଥିଲେ । ଏଥି ସହିତ ସେଠାରେ ଥିବା ଆମ୍ବୁଲାନ୍ସ ଡ୍ରାଇଭର ମିଟୁନା ଓ ବିଶ୍ୱଜିତ୍ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା । ଏହାପରେ ପଚରାଉଚରା କରିବାରୁ ସେମାନଙ୍କ ସହିତ ଥିବା ର୍ୟାକେଟ୍‌ର ଅନ୍ୟ ସଦସ୍ୟ ବିଷୟରେ ପୁଲିସ ଜାଣିବାକୁ ପାଇଥିଲା । ତୁରନ୍ତ ପୁଲିସ ନିରାମୟ ଓ ବିଭିନ୍ନ ନିଦାନ କେନ୍ଦ୍ର ବାହାରେ ଚଢଉ କରିଥିଲା । ଚଢଉ ସମୟରେ ଅଭିଯୁକ୍ତ ଅବଦୁଲ୍ ଓ ଉତ୍କଳ(ଆମ୍ବୁଲାନ୍ସ ଡ୍ରାଇଭର)କୁ କାବୁ କରି ନେଇଥିଲା । ଏହାପରେ ୫ଜଣ ଅଭିଯୁକ୍ତଙ୍କୁ ମଙ୍ଗଳାବାଗ ଥାନାକୁ ନିଆଯାଇ ଜେରା କରାଯାଇଥିଲା । ଜେରା ସମୟରେ ଅଭିଯୁକ୍ତମାନେ ଦଲାଲି କରୁଥିବା ସ୍ୱୀକାର କରିଥିଲେ । ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀ ସମ୍ପର୍କୀୟଙ୍କୁ ଏହି ଦଲାଲମାନେ ସାହାଯ୍ୟ କରିବା ଆଳରେ ବିଭିନ୍ନ ପ୍ରକାର ମିଛ କଥା କହି ଘରୋଇ ହସ୍ପିଟାଲ୍‌କୁ ପଠାଉଥିଲେ । ଅନ୍ୟପଟେ ଏସ୍‌ସିବ ନିଦାନ କେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ହେଉଥିବା କହି ରୋଗୀଙ୍କ ମନରେ ଭୟ ସୃଷ୍ଟି କରି ଘରୋଇ କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରଗୁଡିକକୁ ପଠାଇବାରେ ସଫଳ ହେଉଥିଲେ । ସେଠାରେ ରୋଗୀ ସମ୍ପର୍କୀୟଙ୍କ ଠାରୁ ଟଙ୍କା ଠକି ନେଉଥିବା ଅଭିଯୋଗ ହୋଇଛି ।

ଏଠାରେ ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇ ପ୍ରତ୍ୟେକ ଦିନ ବିଭିନ୍ନ ୱାର୍ଡ, ନିଦାନ କେନ୍ଦ୍ର, ରକ୍ତ ଭଣ୍ଡାର ଓ ଆଉଟ୍ ଡୋର୍ ଉପର ତୀକ୍ଷ୍ଣ ନଜର ରଖାଯାଇଥିଲା । ଏହା ଭିତରେ ଦଲାଲମାନେ ଲୁଚାଛପାରେ ରୋଗୀ ସମ୍ପର୍କୀୟଙ୍କୁ ଠକୁଥିଲେ । ଏ ସମ୍ପର୍କରେ ଏସିପି ଅମିତାଭ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସାଧାରଣ ଭାବେ ଦଲାଲମାନେ ଆଉଟ୍‌ଡୋର୍ କିମ୍ବା କାଜୁଆଲଟିରେ ରୋଗୀ ସମ୍ପର୍କୀୟଙ୍କୁ ପ୍ରଲୋଭିତ କରିଥାଆନ୍ତି । ଆଜି ସମ୍ପୃକ୍ତ ୫ଜଣ ଦଲାଲକୁ ଗିରଫ କରାଯିବ ପରେ ସେମାନଙ୍କ ଯୋଗାଯୋଗରେ ଥିବା ନର୍ସିଂହୋମ୍ ସମ୍ପର୍କରେ ଖୋଳତାଡ଼ କରୁଛି ପୁଲିସ । ଦଲାଲମାନେ କେଉଁ ନର୍ସିଂହୋମ୍, କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଯିବାକୁ ବାଧ୍ୟ କରୁଥିଲେ, ତାହ ଉପରେ ପୁଲିସ ଗୁରୁତ୍ୱ ଦେଇଛି । ଆଉ କେଉଁମାନେ ଏହି ଦଲାଲ୍ ର୍ୟାକେଟ୍‌ରେ ରହିଛନ୍ତି, ତାହା ଜାଣିବାକୁ ପୁଲିସ ତଦନ୍ତ ଚଳାଇଛି ।

## ଆନ୍ଦୋଳନକୁ ଓହ୍ଲାଇବ ଘରୋଇ ବସ୍ ମାଲିକ ସଂଘ



କଟକ, ୮ ।୨(ସମିସ): କଟକ ନେତାଜୀ ବସ ଟର୍ମିନାଲ ଭିତରେ ରାଜ୍ୟ ମୋଟର କର୍ମଚାରୀ ସଂଘ ନାଁରେ ବସ ଟିକେଟ ବିକ୍ରି କାଉଣ୍ଟର ଖୋଲିବା, ଧାର୍ଯ୍ୟ ବସ ବେ' ଠାରୁ ଅନ୍ୟ ସ୍ଥାନ ରେ ବସ ଲଗାଇବା ପରି ବିବାଦ ସୃଷ୍ଟି ହୋଇଥିବା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି । କିଛି ନ୍ୟସ୍ତସ୍ୱାର୍ଥ ଲୋକଙ୍କ କାର୍ଯ୍ୟକୁ ବିରୋଧ କରିଛି ସଂଘ । ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର କୁହାଯାଇଛି ଯେ, ସିଡିଏ ଓ ସିଏନବିଟି କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ତୁରନ୍ତ କରନ୍ତୁ । ନଚେତ୍ ୭ ଦିନ ପରେ କଟକ ଘରୋଇ ବସ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ ସୂଚନା ଦେଇଛନ୍ତି ।



ଯୋବ୍ରା ମହାନଦୀ ଜଳରାଶିରେ ଖାଦ୍ୟ-ଖାଦକ ମଧ୍ୟରେ ସଂଘର୍ଷ (ଫଟୋ- ବିକାଶ)

■ ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରସଙ୍ଗ

## ସାନି ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୮ ।୨(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ କରିବା ପ୍ରସଙ୍ଗରେ ଆର ଆଣ୍ଡ ବି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠକୁ ନେଇ ହାଇକୋର୍ଟ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ପ୍ରସଂଗରେ ସାନି ସତ୍ୟପାଠ ଦାଖଲ କରିବାକୁ ସରକାରୀ ଓକିଲ ସମୟ ଲୋଡିଥିବା ବେଳେ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ମୈତ୍ରୀ ସଂସଦ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ୍.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏସସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପୁର୍ଣ୍ଣ କାର୍ଯ୍ୟକାରୀ ପାଇଁ ୬ମାସ ସମୟ ଲାଗିବ ବୋଲି ସତ୍ୟପାଠରେ ଉଲ୍ଲେଖ ଥିଲା ବେଳେ ପୁନଶ୍ଚ କାର୍ଯ୍ୟକାରୀ ପାଇଁ ୯ ମାସ ଡେଡ୍‌ଲାଇନ ରଖାଯାଇଛି ବୋଲି କୁହାଯାଇଥିଲା । ଏସସିବି ମେଡିକାଲ କଲେଜ ଓ ହସପିଟାଲରୁ ରୋଗୀ ଓ ବାୟୋମେଡିକାଲ ଯନ୍ତ୍ରପାତି ସ୍ଥାନାନ୍ତର ପରେ ହିଁ ଅଗ୍ନିନିରାପତ୍ତା ବ୍ୟବସ୍ଥା କାର୍ଯ୍ୟ ସମ୍ପୁର୍ଣ୍ଣ ହେବ ବୋଲି ସତ୍ୟପାଠରେ ଉଲ୍ଲେଖ ଥିଲା । ଏଭଳି ଦ୍ୱନ୍ଦ ପାଇଁ ଆର ଆଣ୍ଡ ବି ବିଭାଗର ସତ୍ୟପାଠକୁ ଅଦାଲତ ଅଗ୍ରାହ୍ୟ କରିବା ସହ ସାନି ସତ୍ୟପାଠ ଦେବାକୁ କହିଛନ୍ତି ।ପ୍ରକାଶ ଯେ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଅଗ୍ନିନିର୍ବାପକ ବ୍ୟବସ୍ଥା ସଠିକ ଢଙ୍ଗରେ କାର୍ଯ୍ୟକାରୀ ହେଉନଥିବା ତଥା ବହୁ ସିସିଟିଭି ଅଚଳ ହୋଇଥିବା ନେଇ ମୈତ୍ରୀ ସଂସଦ ପକ୍ଷରୁ ୨୦୧୫ରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ମାମଲା ପରିଚାଳନା କରୁଛନ୍ତି । ପରବର୍ତ୍ତୀ ଶୁଣାଣି ଆସନ୍ତା ଏକ ସପ୍ତାହ ପରେ ହେବ ବୋଲି ଧାର୍ଯ୍ୟ ହୋଇଛି ।




ବରିଷ୍ଠ ନାଗରିକଙ୍କୁ ଉପେକ୍ଷା

# ଲୋକାର୍ପିତ ହୋଇପାରିଲାନି 'ସୁରକ୍ଷା ଆପ୍'

କଟକ, ୮।୨(ସମିସ)

କମିଶନରେଟ୍ ପୁଲିସ ପକ୍ଷରୁ ଜାନୁଆରୀରେ ଲୋକାର୍ପିତ ହୋଇଥାଆନ୍ତା 'ବରିଷ୍ଠ ନାଗରିକ ସୁରକ୍ଷା ଆପ୍' । ଏହି ଆପ୍ ମାଧ୍ୟମରେ ବରିଷ୍ଠ ନାଗରିକମାନେ ଅତି ସହଜରେ ଘରେ ବସି ନିଜ ନାମକୁ ପଞ୍ଜିକରଣ କରିବା ସହିତ ନିଜର ସମସ୍ୟା ବିଷୟରେ ଆପ୍ ମାଧ୍ୟମରେ ଅଭିଯୋଗ କରିଥାଆନ୍ତେ । ଏହି ଆପ୍ଲିକେସନ୍ ସମ୍ପର୍କରେ ଥାନାୱାରୀ କର୍ମଶାଳା କରାଯାଇ ବରିଷ୍ଠ ନାଗରିକଙ୍କୁ ସୂଚନା ପ୍ରଦାନ କରାଯିବାର ଯୋଜନା ଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ଏହି ଆପ୍ ଲୋକାର୍ପିତ ହୋଇପାରିଲା ନାହିଁ । ବଦଳିଗଲେ ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ପିନାକ୍ ମିଶ୍ର । ଏପର୍ଯ୍ୟନ୍ତ କଟକ ସହରରେ ପ୍ରାୟ ୯୦ହଜାରରୁ ଅଧିକ ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ କରାଯାଇ ନାହିଁ । ପୁଲିସ କହିବା ଅନୁସାରେ, ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଯାଉଛି । ଆପ୍ ଲଞ୍ଚ୍ କରିବା ପରେ ସମସ୍ତ ବରିଷ୍ଠ ନାଗରିକଙ୍କ ପଞ୍ଜିକରଣ ସହଜରେ ହୋଇପାରିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ବିଭାଗୀୟ ବିଳମ୍ବିତା, ପୁଲିଆ ମୁଖିଆଙ୍କ ବଦଳି ଯୋଗୁଁ ବରିଷ୍ଠ ନାଗରିକମାନେ ହନ୍ତସନ୍ତ ହେଉଛନ୍ତି । ଏ ବିଷୟରେ



**ବଦଳିଗଲେ ପୁଲିସ କମିଶନର ଓ ଡିସିପି**

ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ନୂଆ ଡିସିପି କାର୍ଯ୍ୟରେ ଯୋଗଦେଇଛନ୍ତି ତାଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯିବ । ଯଥାଶୀଘ୍ର ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନ ହେବ । ପ୍ରକାଶ ଥାଉ କି, ପ୍ରସ୍ତୁତ ହୋଇଥିବା ଆପ୍'ଟିକୁ ଗତ ନଭେମ୍ବର ମାସରେ ପରୀକ୍ଷଣ କରାଯାଇଥିଲା । ସମ୍ପୂର୍ଣ୍ଣ ଭାବେ ଡେଭଲପ୍ କାର୍ଯ୍ୟ କରାଯାଇ କେବଳ କାର୍ଯ୍ୟକ୍ଷମ କରାଯିବାର ଥିଲା । ଶେଷ ପର୍ଯ୍ୟାୟରେ ଏହି ଆପ୍' ଉପଲବ୍ଧ ହୋଇପାରିଲା ନାହିଁ । ସହରରେ କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି, ତାଙ୍କର କେଉଁ ପ୍ରକାର ସମସ୍ୟା ରହିଛି ଓ ସମସ୍ତେ ସୁରକ୍ଷିତ ଅଛନ୍ତି କି ନାହିଁ, ଏଭଳି ସମସ୍ତ ତଥ୍ୟ ପୂର୍ବରୁ ସଂଗ୍ରହ କରାଯାଇଛି । ଯେଉଁ ଥାନାରେ ଏହି ତଥ୍ୟ ସମ୍ପର୍କରେ ତ୍ରୁଟି ରହିଛି ବା ଆଦୌ ସୂଚନା ନାହିଁ, ସେମାନଙ୍କୁ ତଥ୍ୟ ସଂଗ୍ରହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବରୁ ଥାନାସ୍ତରରେ ବରିଷ୍ଠ ନାଗରିକ ସୁରକ୍ଷା ସେଲ୍‌ଫ ଗଠନ କରାଯାଇ ଜଣେ ଏସ୍‌ଆଇ ପାହ୍ୟା କର୍ମଚାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା । ସେମାନେ ନିଜ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଥିଲା । ପ୍ରତ୍ୟେକ ଥାନାରେ ଏହି ନୋଡାଲ୍ ଅଫିସରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ସୁରକ୍ଷା ଯାଞ୍ଚ କରାଯିବାର ନିର୍ଦ୍ଦେଶ ରହିଥିଲା । ହେଲେ ଏହି ଯୋଜନା ଅଳ୍ପ କିଛି ମାସ ସ୍ୱାଭାବିକ ଢଙ୍ଗରେ ଚାଲି ଏବେ ସ୍ଥାଣୁ ପାଲଟିଛି । ସହରର ଥାନା ଗୁଡ଼ିକରେ ମାତ୍ର ୫ହଜାର ବରିଷ୍ଠ ନାଗରିକ ସେମାନଙ୍କ ନାଁ ଏବଂ ବ୍ୟକ୍ତିଗତ ତଥ୍ୟକୁ ପଞ୍ଜିକରଣ କରିଥିବା ବେଳେ ଏବେ ୯୦ହଜାର ବରିଷ୍ଠ ନାଗରିକ ସେମାନଙ୍କ ପଞ୍ଜିକରଣ ଆଦୌ କରି ପାରି ନାହାନ୍ତି ।

ଅତିରିକ୍ତ ଡିସିପି ଅନିଲ୍ କୁମାର ମିଶ୍ର ଏ ସମ୍ପର୍କରେ କହିଛନ୍ତି ଯେ, ପୁଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ଯୋଗାଇ ଦିଆଯାଉଛି । ଯେଉଁ ସ୍ୱତନ୍ତ୍ର ଆପ୍ ଲଞ୍ଚ କରାଯିବ, ତାହା ମାଧ୍ୟମରେ ପୁଲିସ ୨୪ଘଣ୍ଟା ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବ । ପୁଲିସର ସହାୟତାରେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ପ୍ରଦାନ କରାଯିବା, ସେମାନଙ୍କ ନିରାପତ୍ତା ଓ ସୁରକ୍ଷାର ପାଇଁ ବିଭିନ୍ନ ଦିଗ ଉପରେ ପୁଲିସ ନଜର ରଖିବା, ସେମାନେ ନିଜର ବ୍ୟକ୍ତିଗତ ସମସ୍ୟା ଏବଂ ପାରିବାରିକ ସମସ୍ୟା ପୁଲିସକୁ ଜଣାଇବା, ପ୍ରତ୍ୟେକ ଦିନ ପୁଲିସ ସେମାନଙ୍କ ସହିତ ଫୋନ୍ ମାଧ୍ୟମରେ କିମ୍ବା ଗୃହ ପରିଦର୍ଶନ କରି ଖବର ବୁଝିବା ଏବଂ ପଡ଼ୋଶୀ ଓ ସମ୍ପର୍କୀୟଙ୍କ ସହିତ ପୁଲିସ ଯୋଗସୂତ୍ର ରଖିବା ଆଦି ୬ଟି ସର୍ତ୍ତାବଳୀକୁ ସ୍ଥାନୀୟଥାନାର ନୋଡାଲ୍‌ଅଫିସର ଗୁରୁତ୍ୱ ଦେଉଛନ୍ତି ବୋଲି ଅତିରିକ୍ତ ଡିସିପି ଶ୍ରୀ ମିଶ୍ର କହିଛନ୍ତି । ତେବେ ବରିଷ୍ଠ ନାଗରିକ ପଞ୍ଜିକରଣ ଓ ସେମାନଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ସୁରକ୍ଷା ଆପ୍‌କୁ ଶୀଘ୍ର ଲୋକାର୍ପଣ କରିବାକୁ ବରିଷ୍ଠ ନାଗରିକଙ୍କ ମହଲରେ ଦାବି ଉଠିଛି ।

## ବରିଷ୍ଠ ବିଜେପି ନେତାଙ୍କ ପରଲୋକ

କଟକ, ୮।୨(ସମିସ): ବିଶିଷ୍ଟ ସମାଜସେବୀ ତଥା ବିଜେପିର ବରିଷ୍ଠ ନେତା ହରିହର ରଥଙ୍କ ଆଜି ସକାଳେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଦେହାନ୍ତ ହୋଇଯାଇଛି ।୧୯୭୪ ମସିହା ଛାତ୍ର ଆନ୍ଦୋଳନର ସେ ଆଗଧାଡ଼ିର ନେତା ଥିଲେ । ତାଙ୍କ ମାର୍ଗ ଦର୍ଶନରେ ୧୯୯୯ ମସିହାରେ ବିଜେପି କଟକ ସହର ନିର୍ବାଚନ ମଣ୍ଡଳୀରେ ବିଜୟ ଲାଭ କରିଥିଲା । ସେ ରାଜ୍ୟ କୃଷକ ମୋର୍ଚ୍ଚାର



ଉପସଭାପତି ଭାବେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ୧୯୪୮ ମସିହାରେ କଟକ ସ୍ଥିତ ରାଜାବଗିଚାରେ ଶ୍ରୀ ରଥ ଜନ୍ମଗ୍ରହଣ କରିଥିଲେ । ସେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଉଦୟ ନାଥ ରଥ ଓ ଅଯୋଧ୍ୟା ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ । ତାଙ୍କ ବିୟୋଗ ଖବର ପାଇ କଟକର ପୂର୍ବତନ ବିଧାୟକ ସମୀର ଦେ, ହାଇକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍‌ର ପୂର୍ବତନ ମୁଖ୍ୟ ମ୍ୟାନେଜର ବିଷ୍ଣୁ ମୋହନ ପଣ୍ଡା, ପ୍ରଦୀପ ସ୍ୱାଇଁ, ସୁକାନ୍ତ ସିଂ, ଲଲାଟେନ୍ଦୁ ବଡୁ, ଲକ୍ଷ୍ମୀଧର ପ୍ରଧାନ, ବିଶ୍ୱଜିତ୍ ମହାପାତ୍ର, ଛନ୍ଦା ଚରଣ ମହାପାତ୍ର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ । ତାଙ୍କ ବିୟୋଗରେ ଆଜି ରାଜାବାଗିଚା ବଜାର ବନ୍ଦ ରହିଥିଲା ।



# କଟକ ସିଟି

● ଶାଶୂକୁ ଦୁଷ୍କର୍ମ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା

## ଜ୍ୱାଇଁଙ୍କୁ ଆଜୀବନ ଜେଲ୍

**ସାଲେପୁର, ୮ ।୨(ସମିସ):** ଶାଶୂକୁ ଦୁଷ୍କର୍ମ କରିବା ଓ ଏହାର ଫଟୋକୁ ଭାଇରାଲ୍ କରିବା ଅଭିଯୋଗରେ ଅଭିଯୁକ୍ତ ଜ୍ୱାଇଁକୁ ସାଲେପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ସଞ୍ଜୟ ବେହେରା ଗତ ୨୦୨୦ ମସିହା ମାର୍ଚ୍ଚ ମାସରେ ତାଙ୍କ ପତ୍ନୀଙ୍କ ଦେହ ଖରାପ ଥିବାର କହି ନିଜ ଶାଶୁକୁ କେନ୍ଦ୍ରାପଡ଼ାରୁ ଘରକୁ ଆଣିଥିଲେ। ଉକ୍ତ ମାସ ୧୩ ତାରିଖ ଦିନ ନିଜ ପତ୍ନୀକୁ ଶାଶୁଙ୍କ ପାଇଁ ଶାଢ଼ି କିଣିବା ପାଇଁ ବଜାରକୁ ପଠାଇବା ପରେ ୬୨ ବର୍ଷୀୟ ଶାଶୁକୁ ଦୁଷ୍କର୍ମ କରିବା ସହ ଉକ୍ତ ସମୟର ଘଟଣାକୁ ନିଜ ମୋବାଇଲରେ କଏଦ କରିଥିଲେ। ଏ ସମ୍ପର୍କରେ ସଞ୍ଜୟଙ୍କର ଶାଶୁ ୨୦୨୧ ମସିହା ମାର୍ଚ୍ଚ ମାସ ୧୮ ତାରିଖରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ତତ୍କାଳୀନ ସାଲେପୁର ଥାନା ଅଧିକାରୀ ବିଜୟ କୁମାର ବିଶି ୫୬/୨୦୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ସଞ୍ଜୟକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ଯତୀନ୍ଦ୍ର କୁମାର ମହାନ୍ତି ପରିଚାଳନା କରୁଥିଲେ।

● ସହର ସ୍ୱଚ୍ଛତାକୁ ସିଏମସିର ଗୁରୁତ୍ୱ

## କ୍ରିୟାଶୀଳ ହେବ 'ୱାର୍ଡ ପରିମଳ ସମିତି'

● ସମସ୍ୟା ସମାଧାନ ପାଇଁ ମାସକୁ ଦୁଇଥର ବୈଠକ

**କଟକ,୮ ।୨(ସମିସ):** କଟକ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ନୂତନ ସିଏମସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୁରୁତ୍ୱ ଦେଇଛନ୍ତି। ଏହାକୁ ଅଧିକ ଲୋକାଭିମୁଖୀ କରିବା ଲାଗି ସିଏମସି ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତି ୱାର୍ଡରେ ଥିବା ପରିମଳ ସମିତି ଅଧିକ କ୍ରିୟାଶୀଳ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ୱାର୍ଡର ସଫେଇ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କର ଭୂମିକା ରହିବ ଏବଂ ସମସ୍ୟାର ଶୀଘ୍ର ସମାଧାନ କରାଯାଇପାରିବ।

ଏହି ପରିପ୍ରେକ୍ଷୀରେ ଗୁରୁବାର ସ୍ଥାନୀୟ ବିଜୁ ଭବନରେ ଅତିରିକ୍ତ କମିଶନର ଅନାମ ପାତ୍ର ଓ ସୋନା ଟୁଡୁଙ୍କ ନେତୃତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତି ମାସର ଦ୍ୱିତୀୟ ଶୁକ୍ରବାର ଓ ଚତୁର୍ଥ ଶୁକ୍ରବାରରେ ୱାର୍ଡ ପରିମଳ ସମିତି ପ୍ରତି ୱାର୍ଡରେ ବସିବ ଏବଂ ୱାର୍ଡରେ ପରିମଳକୁ ନେଇ ଉପୁଜୁଥିବା ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବିଶେଷକରି ୱାର୍ଡ ଅଫିସରମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ସମାପନ କରାଯିବ ଏବଂ ଏଥିରେ ୱାର୍ଡର ସାନିଟାରୀ ଇନ୍ସପେକ୍ଟର, କର୍ପୋରେଟର ଓ ସ୍ୱଚ୍ଛସାଥୀମାନେ ଅଂଶଗ୍ରହଣ କରିବେ। ଅନୁଷ୍ଠିତ ବୈଠକରେ ଯୁଗ୍ମ କମିଶନର ଇପ୍‌ସିତା ପ୍ରିୟଦର୍ଶିନୀ, ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରାଙ୍କ ସମେତ ସମସ୍ତ ୱାର୍ଡର ୱାର୍ଡ ଅଫିସରମାନେ ଉପସ୍ଥିତ ଥିଲେ।

## ଫିଲ୍ମ "କେମିତି ଏ ସମ୍ପର୍କ'ର ଶୁଭମୁକ୍ତି ଆଜି

**କଟକ,୮ ।୨(ସମିସ):** ନୂଆ ଓଡ଼ିଆ ଚଳଚ୍ଚିତ୍ର "କେମିତି ଏ ସମ୍ପର୍କ' ଫେବୃୟାରୀ ୯ରେ ରିଲିଜ୍ ହେବ। ଜେଜେଏନଜେ ବ୍ୟାନରରେ ନିର୍ମିତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର "କେମିତି ଏ ସମ୍ପର୍କ'ର ଅଡିଓ ରିଲିଜ୍ ହୋଇଯାଇଛି। ଫାଷ୍ଟଲୁକ୍ ରିଲିଜ୍ ଜାନୁୟାରୀ ୨୮ରେ ହେବ। କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଥିବା ରୁପେଶ କୁମାର ନାୟକଙ୍କର ଏହା ପ୍ରଥମ ଓଡିଆ ଚଳଚ୍ଚିତ୍ର। କାହାଣୀରେ ଯେମିତି ରହସ୍ୟ ରୋମାଞ୍ଚ ଭରି ରହିଛି ସେମିତି ରହିଛି ପ୍ରେମ ସମ୍ପର୍କ ଓ ସଂଘର୍ଷମୟ ଚିତ୍ର। ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ଼ର ବରିଷ୍ଠ ତଥା ଦକ୍ଷ ନିର୍ଦ୍ଦେଶକ ହିମାଂଶୁ ପରିଜା। ସଙ୍ଗୀତ




ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଗୀତ ରଚନା ଡକ୍ଟର ନିର୍ମଳ ନାୟକ କରିଥିବାବେଳେ ଏବଂ ସଂଳାପ ଲେଖିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଚିତ୍ରତ୍ତୋଳନ ଭାର ସମ୍ଭାଳିଛନ୍ତି କାହ୍ନୁ ନନ୍ଦ। ସମ୍ପାଦନା କରିଛନ୍ତି ରାଜେଶ ଦାସ। କଳା ଦାୟିତ୍ୱ ସମ୍ପାଦନ କରିଛନ୍ତି ନିବାରଣ ଷଡ଼ଙ୍ଗୀ, କୋରିଓଗ୍ରାଫି ରେ ଲୁବୁନ ଟୁବୁନ,ଭିଏଫକ୍ସ ଦାୟିତ୍ୱରେ ଅମର ଦାଶ ରହିଛନ୍ତି। ସେହିପରି ମୁଖ୍ୟ ବ୍ୟବସ୍ଥାପକ ଭାବେ ଚିତ୍ତରଞ୍ଜନ ଆଚାର୍ଯ୍ୟ ଓ କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ମୁଖ୍ୟ ଭୂମିକାରେ ଆକାଶ, ଏଲିନା,ଲିପ୍ସା ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଲ୍ଟୁ, ସନ୍ଟୁ, ମିଳନ, ସବିତା, ମମତା, ଜ୍ଞାନ, ଭକ୍ତି, ଶିବ ପୂଜାପଣ୍ଡା ଓ ଶିଶୁ କଳାକାର ଲତାଶା ଖୁରାନା ଅଭିନୟ କରିଛନ୍ତି।

### ଶିଶୁଭବନ ପାଇଁ ନୂଆ ଯୋଜନା

# ରୋଗୀ ସମ୍ପର୍କୀୟଙ୍କ ରହଣି ପାଇଁ ୬ ମହଲା କୋଠା

● ଖର୍ଚ୍ଚ ହେବ ୧୨ କୋଟି ଟଙ୍କା

● ଉପଲବ୍ଧ ହେବ ୨୦୦ ଶଯ୍ୟା

କଟକ,୮।୨(ସମିସ)

ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ କରୁଛନ୍ତି ରାଜ୍ୟ ସରକାର। ସରକାରୀ ହସ୍ପିଟାଲ ଗୁଡିକର ନବୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ର ରୂପରେଖ ମଧ୍ୟ ବଦଳୁଛି। ଶିଶୁଭବନର ନବୀକରଣ ପ୍ରକଳ୍ପରେ ଆଉ ଏକ ଯୋଜନା ଯୋଡ଼ି ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ଶିଶୁ ଭବନ କର୍ତ୍ତୃପକ୍ଷଙ୍କୁ ଏକ ଚିଠି(ନଂ-୩୬୮୫) ଜାରି ହୋଇଛି। ଶିଶୁ ରୋଗୀଙ୍କ ସମ୍ପର୍କୀୟ ଆଉ ସମସ୍ୟାରେ ପଡ଼ିବେନି। ସେମାନଙ୍କ ରହଣୀ ନିମନ୍ତେ ହସ୍ପିଟାଲ ପରିସରରେ ଏକ ୬ ମହଲା (ଜି+୫) କୋଠା ନିର୍ମାଣ କରାଯିବ ବୋଲି ଏଥିରେ ଉଲ୍ଲେଖ ହୋଇଛି। ଉକ୍ତ କୋଠାରେ ମୋଟ ୨୦୦ଶଯ୍ୟା ଉପଲବ୍ଧ ରହିବ। ଏଥି ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ୧୨କୋଟି ୯ଲକ୍ଷ ୧୬ହଜାର ଟଙ୍କା ବ୍ୟୟ ଅଟ୍ଟକଳ କରାଯାଇଛି।

ରାଜ୍ୟ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଶିଶୁ ଭବନ। ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ପ୍ରାନ୍ତରୁ ଶିଶୁ ରୋଗୀ ଏଠାକୁ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଚିକିତ୍ସିତ ହେଉଥିବା ଶିଶୁରୋଗୀଙ୍କ ମଧ୍ୟରୁ ଅନେକ ନିରୋଗ ହୋଇ ଘରକୁ ଫେରିଥାନ୍ତି। ଚିକିତ୍ସା ଉପଯୋଗୀ ବହୁ ଉନ୍ନତମାନର ଯନ୍ତ୍ରପାତି ଏଠାରେ ଉପଲବ୍ଧ ଥିବାରୁ ବହୁ ସମୟରେ ଗୁରୁତର ଶିଶୁରୋଗୀଙ୍କ ପରିବାର ସଦସ୍ୟ ଶିଶୁଭବନ ଉପରେ ଭରସା କରି ଦୂରଦୂରାନ୍ତରୁ ଏଠାକୁ ଆସିଥାନ୍ତି। ତେବେ ଶିଶୁ ରୋଗୀଙ୍କ ସମ୍ପର୍କୀୟ ରହଣୀ ନିମନ୍ତେ ଏଠାରେ ସେହିଭଳି ବ୍ୟବସ୍ଥା ଉପଲବ୍ଧ ନଥିଲା। ଯେଉଁଥିପାଇଁ ରୋଗୀ ସମ୍ପର୍କୀୟ ସମସ୍ୟାରେ ପଡୁଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ କରିଛନ୍ତି ରାଜ୍ୟ ସରକାର।



ପ୍ରକାଶ ଥାଉକି, ଶିଶୁ ଭବନରେ ଏକ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଯଦ୍ୱାରା ଏଠାରେ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇବ। ଅନେକ ନୂତନ ବିଭାଗ କାର୍ଯ୍ୟ କରିବା ସହିତ ଶିଶୁ ରୋଗୀ ଉନ୍ନତ ଚିକିତ୍ସା ପାଇପାରିବେ। ଶିଶୁଭବନର ଉନ୍ନତିକରଣ ପାଇଁ ନୂତନ ପ୍ରକଳ୍ପ ୨୦୨୦ ଫେବୃୟାରୀ ମାସରେ ଆରମ୍ଭ ହୋଇଥିଲା। ଏବେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ନୂତନ କୋଠାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଖୁବଶୀଘ୍ର ଉକ୍ତ କୋଠାକୁ ଲୋକାର୍ପଣ କରାଯିବା ସହିତ ରୋଗୀ ସେବାରେ ଉତ୍ସର୍ଗ କରାଯିବ। ନୂତନ ପ୍ରକଳ୍ପର ବଜେଟ ହେଉଛି ୧୨୭ କୋଟି ୩୫ଲକ୍ଷ ୫୦ହଜାର ୫୦୯ ଟଙ୍କା। ଏହା ଭିତରେ ୭ ମହଲା(ଜି+୬) ବିଶିଷ୍ଟ ହସ୍ପିଟାଲ କୋଠା, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ସମେତ ଅନ୍ୟ ବିଭାଗ ରହିଛି। ଏବେ ଶିଶୁଭବନରେ ୨ଟି ଆଉଟଡୋର ତଥା ଓପିଡ଼ି ରହିଛି। ଗୋଟିଏ ହେଲା, ସର୍ଜରୀ ଓପିଡ଼ି ଓ ଅନ୍ୟଟି ସାଧାରଣ ଓପିଡ଼ି। ହେଲେ ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସର ଗ୍ରାଉଣ୍ଡ ଫ୍ଲୋରରେ ରହିବ ୧୦ଟି ନୂଆ ଓପିଡ଼ି। ବିଭିନ୍ନ ରୋଗରେ ଆକ୍ରାନ୍ତ ଶିଶୁଙ୍କ ପାଇଁ ଏହା ଫଳପ୍ରଦ ହେବ। ଅନ୍ୟପକ୍ଷରେ ୪ଟି ସୁପର ସ୍ପେଶିଆଲ ଓପିଡ଼ି ମଲ୍ଟି ୟୁଟିଲିଟି କମ୍ପ୍ଲେକ୍ସ ଭିତରେ କାର୍ଯ୍ୟ କରିବ। କୋଠାର ତଳ ମହଲାରେ ମୋଟ ୩ହଜାର ୬୮୨ ବର୍ଗଫୁଟ ଜାଗା ବ୍ୟବହାର କରାଯାଇଥିବା ବେଳେ ମୋଟ ୧୪ଟି ଓପିଡି ରୁମ ରହିବ। ଏହାବ୍ୟତୀତ ୪୬ଟି କାଜୁଆଲିଟି ଶଯ୍ୟା ଏବଂ ଏକ ମାଇନର ଅପରେସନ ଥିଏଟର ରୁମ ମଧ୍ୟ ଏଠାରେ ଖୋଲିବ।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ

# ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇବ 'ସିଟି ହସ୍ପିଟାଲ୍'




କଟକ,୮।୨(ସମିସ)

କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ। ସହରବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ଏହି ହସ୍ପିଟାଲ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏଥି ନିମନ୍ତେ ସିଟି ହସ୍ପିଟାଲକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୧୩ରେ ଭୁବନେଶ୍ୱରରେ ହେବାକୁ ଥିବା ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ସିଟି ହସ୍ପିଟାଲକୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରାନନ୍ଦ ବେଉରା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ପୁରସ୍କାର ଗ୍ରହଣ ନିମନ୍ତେ ସିଟି ହସ୍ପିଟାଲର ଏକ ଟିମ୍ ଭୁବନେଶ୍ୱର ଯିବ। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସଫଳ ରୂପାୟନ ଦିଗରେ ଉତ୍ତମ ପ୍ରଦର୍ଶନ ପାଇଁ ନିଆଳି ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ପୁରସ୍କୃତ ହେବ ବୋଲି ସିଡିଏମଓ ଡାକ୍ତର ବେଉରା କହିଛନ୍ତି।

ସିଟି ହସ୍ପିଟାଲ ଉପରେ ସହରବାସୀ ଅନେକାଂଶରେ ନିର୍ଭର କରୁଛନ୍ତି। ଏହି ହସ୍ପିଟାଲରେ ମଧ୍ୟ ରୋଗୀଙ୍କୁ ଉନ୍ନତ ଚିକିତ୍ସା ମିଳି ପାରୁଛି। ପ୍ରତିଦିନ ୫୦୦ରୁ ଅଧିକ ଲୋକେ ଆଉଟଡୋରକୁ ଆସୁଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ବାର୍ଷିକ ଏହି ସଂଖ୍ୟା ୩ଲକ୍ଷରୁ ଅଧିକ ରହୁଛି। ତେବେ ରାଜ୍ୟର ବିଭିନ୍ନ ଜିଲ୍ଲାର ହସ୍ପିଟାଲକୁ 'ମୋ ହସ୍ପିଟାଲ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଇତି ମଧ୍ୟରେ ସିଟି ହସ୍ପିଟାଲ ମଧ୍ୟ ସାମିଲ ହୋଇଛି। ମିଳିଥିବା ସୂଚନା ମୁତାବକ, ସିଟି ହସ୍ପିଟାଲ ନିମନ୍ତେ ମଞ୍ଜୁର ହୋଇଛି ୭ କୋଟି ଟଙ୍କା। କୌଣସି ନୂତନ କୋଠା ନିର୍ମାଣ କାର୍ଯ୍ୟ କରାଯିବ ନାହିଁ, କେବଳ ହସ୍ପିଟାଲର ବିଭିନ୍ନ କୋଠାର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପିଛା ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡିଛି। ପ୍ରଥମତଃ ସିଟି ହସ୍ପିଟାଲ ପାଚେରୀ ନିର୍ମାଣ ଦିଗରେ ଗୁରୁତ୍ୱ ଦିଆଯାଇଛି। ହସ୍ପିଟାଲର ପରିସୀମାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ପାଚେରୀ ନିର୍ମାଣ ଓ ମରାମତି କରାଯିବ। ପ୍ରବେଶ ପଥରେ ନୂତନ ଫାଟକ ଶୋଭା ପାଇବ। ଅନ୍ୟପକ୍ଷରେ ପ୍ରଥମଥର ନିମନ୍ତେ ସିଟି ହସ୍ପିଟାଲରେ ପ୍ରସ୍ତୁତ ହେବ ଏକ ଅତ୍ୟାଧୁନିକ ପ୍ରତୀକ୍ଷାଗୃହ। ଶୀତତାପ ନିୟନ୍ତ୍ରିତ ଏହି ଗୃହରେ ୮୦ ଜଣ ଲୋକ ବସିବା ଭଳି ବ୍ୟବସ୍ଥା କରାଯିବ। ଏହା ଭିତରେ ଏଲଇଡି ସ୍କ୍ରିନ ଲଗାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାରପ୍ରସାର କରାଯିବ। ସ୍ୱାସ୍ଥ୍ୟ ସଚେତନତା ଧର୍ମୀ ଭିଡିଓ ପ୍ରଦର୍ଶିତ ହେବ। ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରାଯିବ। ମିଶନ ଦ୍ୱାରା ହସ୍ପିଟାଲ ପରିସରରେ ଏକ ମିଲେଟ କାଫେ ଖୋଲିବ। ରୋଗୀ ଓ ରୋଗୀ ସମ୍ପର୍କୀୟ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଖାଇ ପାରିବେ। ଏଥି ନିମନ୍ତେ ୧୨୦୦ ବର୍ଗଫୁଟ ଜାଗା ଚିହ୍ନଟ ମଧ୍ୟ କରାଯାଇଛି। ଏତଦବ୍ୟତୀତ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢ଼ଙ୍ଗରେ ରୋଗୀ ସେବା କିପରି ଜାରି ରହିବ ସେଥି ନିମନ୍ତେ ମଧ୍ୟ ଯୋଜନା କରାଯାଇଛି। ରୋଗୀଙ୍କୁ ସୁବିଧାସୁଯୋଗ ପ୍ରଦାନ କରାଯିବା ନିମନ୍ତେ ନୂତନ ପଦକ୍ଷେପ ମାନ ଗ୍ରହଣ କରାଯିବ।

## 'ସୁନାଦୂବ'ର ପ୍ରତିଷ୍ଠା ଦିବସ

**କଟକ,୮ ।୨(ସମିସ):** ସୁନାଦୂବର ୮ମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବାଖରାବାଦସ୍ଥିତ ଗାନ୍ଧୀ ଭବନ ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ବାରବାଟୀ-କଟକ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ନିରାମୟର ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଆୟୁକ୍ତ ଅଭୟ ରାଉତ ମୁଖ୍ୟଅତିଥି ଓ ମଧୁ ସ୍ମୃତି ସଂସ୍ଥାନ ଚେୟାରମ୍ୟାନ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନ ତରଫରୁ କରାଯାଉଥିବା ଜନହିତକର କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଆୟୋଜିତ ଉତ୍ସବରେ ମଞ୍ଜୁଲତା ଜେନା ସ୍ୱାଗତ ଭାଷଣ ଓ ବବିତା ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ



ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ୨ଜଣ ବିଶିଷ୍ଟ ସମାଜସେବୀ ମାନସ ବେହେରା ଓ ମଞ୍ଜୁଲତା ଜେନାଙ୍କୁ 'ଦରଦୀ ମଣିଷ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତିଯୋଗିତାଗୁଡିକରେ ବିଚାରକ ଥିବା ସଙ୍ଗୀତା ଷଡଙ୍ଗୀ, ସଙ୍ଘମିତ୍ରା ପ୍ରହରାଜ, ସୁନିତା ଗୁପ୍ତା ଓ ରାଜେଶ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭ୍ରାଂଶୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଧର୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# କାଠଯୋଡ଼ି ପାସେଞ୍ଜର ହଲ୍ଟ ଦୁରବସ୍ଥା ସୁଧୁରିବ କେବେ

● ପିଇବାକୁ ପାଣି ନାହିଁ, ବିଶ୍ରାମସ୍ଥଳ ସମୁଦ୍ରକୁ ଶଙ୍ଖେ

● ଦୈନିକ ୨ ହଜାର ଯାତ୍ରୀ ନିର୍ଭର କରୁଛନ୍ତି

କଟକ,୮ ।୨(ସମିସ)

କଟକ କାଠଯୋଡି ପାସେଞ୍ଜର ହଲ୍ଟ (ପିଏଚ)ର ଦୂରାବସ୍ଥା ସୁଧୁରିବାର ନାଁ ଧରୁନି। ଏହି ପିଏଚ ଉପରେ ଦୈନନ୍ଦିନ ଆଗରୁ ଯେତିକି ଯାତ୍ରୀ ନିର୍ଭର କରୁଥିଲେ ଏବେ ସେହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି। ଗତ ୧୦-୧୫ବର୍ଷ ପୂର୍ବରୁ ମାତ୍ର ୧୦୦ରୁ ୧୫୦ ଯାତ୍ରୀ ନିର୍ଭର କରୁଥିଲା ବେଳେ ଏବେ ପ୍ରାୟ ୨ରୁ ୩ ହଜାର ଯାତ୍ରୀ ଏହା ଉପରେ ନିର୍ଭର କରୁଛନ୍ତି। କଟକ, ପାରାଦ୍ୱୀପ, ପୁରୀ, ଭୁବନେଶ୍ୱର, କେନ୍ଦୁଝର, ଭଦ୍ରକ, ଯାଜପୁରର ଯାତ୍ରୀମାନେ ଏଠାରୁ ଯା'ଆସ ଲାଗି ନିର୍ଭର କରିଥାନ୍ତି। ଏହି ପିଏଚରେ ରାଉରକେଲା -ପୁରୀ, କଟକ-ପଲାସା, କଟକ-ପୁରୀ, କେନ୍ଦୁଝର-ଖୋର୍ଦ୍ଧା ରୋଡ, ବାଲେଶ୍ୱର -ଭୁବନେଶ୍ୱର ଓ ତାଳଚେର-ପୁରୀ ଆଦି କେତେକ ପ୍ରମୁଖ ଟ୍ରେନ ଦୈନିକ ରହଣି କରିଥାଏ। କାଠଯୋଡି ପିଏଚ ଉନ୍ନତିକରଣ ଆଖିଦୃଶିଆ ହୋଇପାରିନି। ୧୯୯୪ରେ ତତ୍କାଳୀନ ରେଳ ରାଷ୍ଟ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଦ୍ୱାରା ଏହି ପିଏଚ ଉଦଘାଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ହଲଟରେ ବି ଯାତ୍ରୀଙ୍କ ନିର୍ଭରଶୀଳତା ବଢିବାରେ ଲାଗିଥିଲା। ସୂଚନାନୁସାରେ ଏହି ହଲଟ ଉପରେ କେବଳ ଦୀର୍ଘ ବର୍ଷ ଭିତରେ ଏକ ମାତ୍ର ଫୁଟ ଓଭରବ୍ରିଜ ହୋଇପାରିଛି। ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଆଉ ଏକ ଫୁଟ ଓଭର ବ୍ରିଜ ଓ ହାଇମାଷ୍ଟ ଲାଇଟ ସ୍ଥାପନ କରିବା ଜରୁରୀ ହୋଇପଡିଛି। ଯେଉଁ ଟ୍ରେନ ଏହି ପିଏଚରେ ରହଣି କରୁଛି ସେହି ଟ୍ରେନ ଯାତ୍ରୀ କଟକ ଷ୍ଟେସନରେ ନ ଓହ୍ଲାଇ କାଠଯୋଡି ପିଏଚରେ ଓହ୍ଲାଇ ପଡୁଛନ୍ତି। ବହୁ ସଂଖ୍ୟାରେ ଯାତ୍ରୀ ଚଢିବା ସହ ଏଠାରେ ଓହ୍ଲାଉଥିଲେ ହେଁ ଏହି ପିଏଚର ସୁରକ୍ଷା ବନ୍ଦୋବସ୍ତ ପ୍ରତି ସେତେଟା ଦୃଷ୍ଟି ଦିଆଯାଇନାହିଁ। ଏହି ପାସେଞ୍ଜର ହଲଟକୁ ଯିବା ପାଇଁ ଏକ ଭଲ ରାସ୍ତାଟିଏ ଆଜି ସୁଦ୍ଧା ହୋଇପାରିନି। ରେଳଧାରଣା ତଳେ ଖାଲଖମା ରାସ୍ତାରେ ଲିଙ୍କରୋଡରୁ ଯାତ୍ରୀମାନଙ୍କୁ ଯିବାକୁ ପଡୁଛି। ଏପରିକି ପ୍ଲାଟଫର୍ମକୁ ଉଠିବା ପାଇଁ ତିନିଟି ସ୍ଥାନରେ ପାହାଚ ନିର୍ମାଣ ହୋଇଥିଲେ ବି ଏହାର ପାଶ୍ୱର୍





ଅନାବନା ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି। ସିସିଟିଭି ଦ୍ୱାରା ମନିଟରିଂ କରାଯିବା ଆଜି ଯାଏଁ ସମ୍ଭବ ହୋଇପାରିନି। କଟକ ଷ୍ଟେସନ ଠାରୁ ମାତ୍ର ଦୁଇ କିଲୋମିଟର ବ୍ୟବଧାନରେ ଥିବା କାଠଯୋଡି ପାସେଞ୍ଜର ହଲ୍ଟ ଜାତୀୟ ରାଜପଥ ଠାରୁ ଅଳ୍ପ ଦୂରରେ ରହିଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ସହଜ ହୋଇଥାଏ। କର୍ମଜୀବୀ ମହିଳା ଓ ପୁରୁଷଙ୍କ ସହ ଛାତ୍ରଛାତ୍ରୀମାନେ ବେଶୀ ସଂଖ୍ୟାରେ ଏହା ଉପରେ ନିର୍ଭର କରିଥାନ୍ତି। ଆରପିଏଫ ପକ୍ଷରୁ ପ୍ରତିଦିନ ଏଠାରେ ଦୁଇଜଣ ଆରପିଏଫ ଗାର୍ଡଙ୍କୁ ମୁତୟନ କରାଯାଉଥିବା କୁହାଯାଉଥିଲେ ବି ଅଧିକ ସଂଖ୍ୟାରେ ଆରପିଏଫ କର୍ମଚାରୀ ମୁତୟନ ଓ ସିସିଟିଭି ସ୍ଥାପନ କରିବାକୁ ଯାତ୍ରୀ ମହଲରେ ଦାବି ହୋଇଛି।

### କ'ଣ କୁହନ୍ତି ଯାତ୍ରୀ



ଏହି ପାସେଞ୍ଜର ହଲଟ ଠାରୁ ବସ ରହଣିସ୍ଥଳର ଦୂରତ୍ୱ କମ ଥିବାରୁ ଅଧିକ ସଂଖ୍ୟାରେ ଯାତ୍ରୀ ନିର୍ଭର କରିଥାନ୍ତି। ହେଲେ ଏଠାରେ ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ଯାତ୍ରୀଙ୍କ ପାଇଁ ବିଶ୍ରାମ ବା ଅପେକ୍ଷାସ୍ଥଳୀ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଅନେକ ସମୟରେ ଯାତ୍ରୀଙ୍କୁ ଭିଜିବାକୁ ପଡିଥାଏ।

■ ଅଭିଷେକ ଧଳ, ଯାଜପୁର (୮)



କାଠଯୋଡି ପାସେଞ୍ଜର ହଲଟ ପ୍ରତି ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡିବା ନିତ୍ୟାନ୍ତ ଆବଶ୍ୟକ। ବହୁ ମହିଳା ଯାତ୍ରୀମାନେ ଏହି ହଲ୍ଟ ଦେଇ ଟ୍ରେନରେ ଯା'ଆସ କରିଥାନ୍ତି। କିନ୍ତୁ ଏଠାରେ ପରିସ୍ରାଗାର କି ଶୌଚାଳୟ ନ ଥିବାରୁ ମହିଳାମାନେ ଅନେକ ସମୟରେ ହଇରାଣ ହୋଇଥାନ୍ତି। ସେହିପରି ଏହା ଏକ ନିଛାଟିଆ ସ୍ଥାନ ହୋଇଥିବାରୁ ଏଠାରେ ସିସିଟିଭି ସହ ଆରପିଏଫ ମୁତୟନ ହେବା ଉଚିତ।

■ ସ୍ନେହଲତା ପାତ୍ର, କେନ୍ଦୁଝର (୯)



ଏହି ପିଏଚର ସବୁଠାରୁ ବଡ ସମସ୍ୟା ହେଉଛି ପିଇବା ପାଣି। ଏଠାରେ ନାମକୁ ମାତ୍ର ଦୁଇଟି ନଳକୂପ ରହିଛି। କିନ୍ତୁ ଦୁଇଟି ଯାକ ଅଚଳ ଅବସ୍ଥାରେ ବର୍ଷାଧିକ କାଳ ଧରି ପଡିରହିଛି। ଏହାକୁ ସଜଡାଯାଉନି କି ଟ୍ୟାପ ପାଣିର ବନ୍ଦୋବସ୍ତ କରାଯାଇପାରୁନି। ଗ୍ରୀଷ୍ମ ଦିନେ ଯାତ୍ରୀମାନଙ୍କୁ ପାଣି ପାଇଁ ବହୁ ଅସୁବିଧା ଭୋଗ କରିବାକୁ ପଡୁଛି।

■ ରବି ନାରାୟଣ ମହାପାତ୍ର, ବାଙ୍କୀ (୧୦)

## ବାରଙ୍ଗରେ ନୂତନ ତହସିଲଦାରଙ୍କ ଯୋଗଦାନ



ବାରଙ୍ଗ, ୮।୨(ସମିସ): ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଡ. ତୁଷାର ଜ୍ୟୋତି ରଞ୍ଜନ ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ସଂକଳ୍ପ ସ୍ୱସ୍ତିକ ସାହୁଙ୍କର କଟକ ରାଜସ୍ୱ ବିଭାଗ କମିଶନର କାର୍ଯ୍ୟାଳୟକୁ ବଦଳି ହୋଇଯାଇଛି। ବାରଙ୍ଗ ତହସିଲରେ ତାଙ୍କ ସ୍ଥାନରେ ଶ୍ରୀ ରଞ୍ଜନ ଯୋଗ ଦେଇଛନ୍ତି। ପୂର୍ବରୁ ସେ ୨୦୧୮ ରୁ ପ୍ରଥମେ ନବରଙ୍ଗପୁର ରାୟଘରରେ ତହସିଲଦାର ଭାବେ ୩ ବର୍ଷ ପରେ ୨୦୨୧ରୁ କାକଟପୁର ବ୍ଲକ ଉନ୍ନୟନ ପ୍ରଶାସନିକ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। ଯୋଗଦାନ ପରେ ସେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ସେବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା, ଜମି ଜମା ସମ୍ବନ୍ଧୀୟ ସେବା ଓ ସ୍କୁଲ ପିଲାମାନଙ୍କର ବିଭିନ୍ନ ସାର୍ଟିଫିକେଟ ତୁରନ୍ତ ଯୋଗାଇଦେବା ସହ ସରକାରଙ୍କର ସମସ୍ତ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରିବା ନେଇ ନୂତନ ତହସିଲଦାର ଶ୍ରୀ ରଞ୍ଜନ ମତ ପ୍ରକାଶ କରିଛନ୍ତି।

## ରାସ୍ତା ପାର୍ଶ୍ୱରୁ ଗଳିତ ମୃତଦେହ ଉଦ୍ଧାର

ବାଙ୍କୀ, ୮।୨(ସମିସ): ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧୀନ ଅଂଶୁପା ମୁଖ୍ୟରାସ୍ତା କଡ଼ ବୁଦା ନିକଟରୁ ଏକ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଖବର ମୁତାବକ ଅଂଶୁପା ମୁଖ୍ୟରାସ୍ତା କଡ଼ରେ ଏକ ଗଳିତ ମୃତଦେହ ପଡ଼ିଥିବା ଖବର ପାଇ ସୁବର୍ଣ୍ଣପୁର ବିଟ୍ ହାଉସ୍ ଅଧିକାରୀ ପ୍ରସନ୍ନ କୁମାର ମାହାଳି ଘଟଣାସ୍ଥଳରେ ପହଞ୍ଚି ବାଙ୍କୀ ଥାନାକୁ ଖବର ଦେଇଥିଲେ। ଖବର ପାଇ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର, ବାଙ୍କୀ ଥାନା ଅଧିକାରୀ ଶିବଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗଳିତ ମୃତଶରୀରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ମୃତ ବ୍ୟକ୍ତିଙ୍କ ପରିଚୟ ମଧ୍ୟ ଜଣାପଡ଼ିନାହିଁ। କଟକରୁ ଏକ ଅନୁସନ୍ଧାନକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ବାଙ୍କୀ ଡେପୁଟି କଲେକ୍ଟର ହୃଷିକେଷ ତ୍ରିପାଠୀ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ମୃତଦେହର ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

ବାଙ୍କୀ, ୮।୨(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅର୍ଥନୀତି ବିଭାଗର ଅଧ୍ୟାପକ ଗୋଲକ ବିହାରୀ ପୃଷ୍ଟିଙ୍କ ତାଙ୍କ ବାସଗୃହ ଢେଙ୍କାନାଳ ଠାରେ ପରଲୋକ ଘଟିଛି। ସ୍ୱର୍ଗତ ପୃଷ୍ଟି ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଦୀର୍ଘ ୧୦ବର୍ଷ ଧରି କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ଏହି ଅବସରରେ ଏକ ଶୋକସଭା ବାଙ୍କୀ କଲେଜରେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି, ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ପରୀକ୍ଷା ଉପନିୟନ୍ତ୍ରକ ବୃନ୍ଦାବନ ପ୍ରଧାନ, ଅଧ୍ୟାପକ ନିରାକାର ସାମନ୍ତରାୟ, ପ୍ରଭାତ ବଳିୟାର ସିଂହ, ଦାଶରଥି ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

## ଚିନ୍ତାମଣିପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଟାଙ୍ଗୀ, ୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଚିନ୍ତାମଣିପୁର ଗ୍ରାମଠାରେ ତ୍ରିଦିବସୀୟ ଚିନ୍ତାମଣିପୁର ପ୍ରିମିୟର ଲିଗ୍ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ବିଶ୍ୱ ଭାରତୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍ ଭାଗନେଇଥିଲା ବେଳେ ନଖରା ପଞ୍ଚାୟତ ଅଲାରପୁର ଟିମକୁ ହରାଇ ଜରିପଡ଼ା ପଞ୍ଚାୟତ ପାରାଡାଇଜ କ୍ରିକେଟ କ୍ଲବ କଣି ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ପୂର୍ବାହ୍ନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଉଦଘାଟନ କରିଥିବାବେଳେ ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥିଭାବେ ଘରୋଇ ବିଜ୍ଞାନ କଲେଜ ଟେଟ୍ରାହେଡ୍ରନ ଗ୍ରୁପ୍ ଅଧ୍ୟକ୍ଷ ଶିକ୍ଷାବିତ ତ୍ରିଦିବ ବେହେରା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ବିଜେଡି ସଂଗଠକ ଜନ୍ମେଜୟ ଖିଲାର, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସରପଞ୍ଚ ଭରତ ବେହେରା ଓ ପଞ୍ଚାୟତ ବିଜେଡି ସଭାପତି ପରମାନନ୍ଦ ନାୟକ ଯୋଗଦେଇ ବିଜେତା ଓ ଉପ ବିଜେତା କ୍ରିକେଟ ଟିମକୁ ପୁରସ୍କାର ଦେବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ପ୍ରାଣୀ ଚିକିତ୍ସକଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

# ବଢ଼ିଲାଣି ଫାଟୁଆ ରୋଗ; ଚିନ୍ତାରେ ପଶୁପାଳକ

ସାଲେପୁର, ୮।୨(ସମିସ)



ସାଲେପୁର ଅଞ୍ଚଳରେ ବହୁ ମାତ୍ରାରେ ଗୋରୁଗାଈମାନେ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବାବେଳେ ପଶୁପାଳକମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଅପରପକ୍ଷରେ ପ୍ରାଣୀ ଚିକିତ୍ସକମାନେ ନିଜର ଦାବି ପୂରଣ ନେଇ ଗତ ମାସ ୧୩ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାବେଳେ ପଶୁମାନଙ୍କର ଚିକିତ୍ସା ହୋଇପାରୁ ନ ଥିବାରୁ ପଶୁପାଳକ ମାନେ ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶ ଯେ, ସାଲେପୁର ଅଞ୍ଚଳର ବୋଦାମୁଣ୍ଡାଇ, ପିକୋଳ, ଚନ୍ଦ୍ରାଦେଇପୁର, ଲୁଣାହାର, ନଇଗୁଆଁ, ବାଲିସାହି ସମେତ ବହୁ ଅଞ୍ଚଳର ଗୋରୁଗାଈମାନଙ୍କୁ ଏବେ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଗୋରୁଗାଈଙ୍କର ଗୋଡ଼ ଫୁଲିବା ସହ ଖୁରାରେ ଘାଁ ସୃଷ୍ଟି ହୋଇଯିବାରୁ ଗୋରୁଗାଈମାନେ ଚଲାବୁଲା କରିପାରୁନାହାଁନ୍ତି। ସେହିପରି ପାଟିରେ ଘାଁ ସୃଷ୍ଟି ହେବାରୁ ଖାଦ୍ୟ ଖାଇ ପାରୁନାହାଁନ୍ତି। ଏବେ ସାଲେପୁରର ବହୁ ଅଞ୍ଚଳରେ ଗୋରୁଗାଈ ଏପରିକି ଷଣ୍ଢ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି। ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ଯାଇଥିବାରୁ ପଶୁମାନଙ୍କର ଚିକିତ୍ସା ସଠିକ୍ ଭାବେ ହୋଇପାରୁ ନ ଥିବାରୁ ପଶୁପାଳକମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ବର୍ତ୍ତମାନ ବିଭିନ୍ନ ପ୍ରାଣୀ ଚିକିତ୍ସାଳୟରେ ଡାକ୍ତରମାନେ ଛୁଟିରେ ଯାଇଥିବାରୁ ପ୍ରାଣୀଧନ ନିରୀକ୍ଷକମାନଙ୍କ ଦ୍ୱାରା ଏହି ଚିକିତ୍ସା ସେବା ଚାଲୁଛି। ସମ୍ପୃକ୍ତ ପ୍ରାଣୀଧନ ନିରୀକ୍ଷକମାନେ ପ୍ରାଥମିକ ଚିକିତ୍ସା ସେବା ଯୋଗାଉଥିବାବେଳେ ଗୁରୁତର ରୋଗରେ ପଶୁମାନଙ୍କୁ ସଠିକ୍ ଚିକିତ୍ସା ସେବା ମିଳିପାରୁନାହିଁ। ଫଳରେ ରୋଗାଗ୍ରସ୍ତ ଗୋରୁଗାଈଙ୍କୁ ନେଇ ପଶୁପାଳକମାନେ ଚିନ୍ତାରେ ପଡ଼ିଛନ୍ତି। ଯଦି ପ୍ରାଣୀ ଚିକିତ୍ସକମାନେ ତୁରନ୍ତ କାର୍ଯ୍ୟରେ ଯୋଗ ନ ଦିଅନ୍ତି, ତେବେ ଗୁରୁତର ରୋଗରେ ଆକ୍ରାନ୍ତ ହେଉଥିବା ପଶୁମାନେ ଆଗାମୀ ଦିନରେ ନିଶ୍ଚିତ ମୃତ୍ୟୁମୁଖରେ ପଡ଼ିବେ ବୋଲି କୁହାଯାଉଛି। ସରକାର ଏ ଦିଗରେ ଦୃଷ୍ଟି ଦେଇ ବିଭିନ୍ନ ଦାବି ନେଇ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ପ୍ରାଣୀ ଚିକିତ୍ସକମାନଙ୍କର ଦାବି ପ୍ରତି ଗୁରୁତ୍ୱ ଦେବା ସହ ଏହାର ଆଶୁ ପ୍ରତିକାର କରିବା ପାଇଁ ପଶୁପାଳକ ମାନେ ନିବେଦନ କରିଛନ୍ତି।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର, ୮।୨(ସମିସ): ଘାସମରା ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମର ପ୍ରଶାନ୍ତ ଦାସ(୧୮) କୌଣସି କାରଣରୁ ୨/୩ଦିନ ତଳେ ଘାସମରା ବିଷ ପିଇଦେଇ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିବା ବେଳେ ଗତକାଲି ମେଡ଼ିକାଲରୁ ଘରକୁ ଫେରିଥିଲେ। ଆଜି ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସାଲେପୁର ପୁଲିସ ମେଡ଼ିକାଲରେ ପହଞ୍ଚି ଶବଟିକୁ ଜବତ କରିବା ସହ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି।

## କୁଷ୍ଠ ରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ




କଟକ, ୮।୨(ସମିସ)

ସରକାରଙ୍କ ଦ୍ୱାରା କୁଷ୍ଠ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କଟକ ସଦର ସ୍ଥିତ ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡାକ୍ତର ବସନ୍ତ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ପ୍ରତ୍ୟେକ ସ୍କୁଲରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମେଡିକାଲ ଅଫିସର ଡ଼ ଶୁଭାଶିଷ ଶତପଥୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଛାତ୍ରଛାତ୍ରୀଙ୍କୁ କୁଷ୍ଠ ରୋଗ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। କନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରପୁର ସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକନିକୁଞ୍ଜକିଶୋରପାଣିଗ୍ରାହୀଙ୍କ ଉପସ୍ଥିତି ବେଣ୍ଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀ ଦଳ ପକ୍ଷରୁ ନିଗମାନନ୍ଦ ମହାନ୍ତି, ଜିନୁବାଳା ସାମନ୍ତରାୟ, ଅର୍ଜୁନ ମହାନ୍ତି ଓ ଆଶାକର୍ମୀ ପ୍ରମିଳା ମୁଳିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହିତ ଏକ ସଚେତନତା ଉପରେ ପ୍ରତିଯୋଗିତା କରି ବିଜୟୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠର ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ, ଶିକ୍ଷକ ଜଳନ୍ଧର ବାତ୍ରା, କର୍ମଚାରୀ ପ୍ରମୋଦ ଦାସ ସହଯୋଗ କରିଥିବାବେଳେ 'ମୋ ସ୍କୁଲ ଅଭିଯାନ'ର ସଦସ୍ୟ ତଥା ପୁରାତନ ଛାତ୍ର ସଂସଦର ସଂଗଠନ ସମ୍ପାଦକ ତାପସ ରାଉତରାୟ ଉପସ୍ଥିତ ଥିଲେ।

## ଶନିମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ବୈଠକ

ଟାଙ୍ଗୀ, ୮।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମାଗୁରା ପଞ୍ଚାୟତ ଶନିତୋଟା ଠାରେ ଥିବା ବହୁ ପୁରାତନ ଶନିଶ୍ଚର ମନ୍ଦିରର ୨୯ତମ ବାର୍ଷିକ ପ୍ରତିଷ୍ଠା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୬ ତାରିଖରେ ବାର୍ଷିକ ଉତ୍ସବ ପାଳିତ ହେବ ଉକ୍ତ ଦିନ ସକାଳ ୭ ଘଟିକାରୁ ଆରମ୍ଭ ହୋଇ ରାତ୍ର ୧୦ଟାରେ ଶେଷ ହେବ। ଏଥିରେ ହୋମଯଜ୍ଞ, ସଂକୀର୍ତ୍ତନ ଓ ଘୋଡା ନାଚ ହେବ ବୋଲି ମନ୍ଦିରର ମୁଖ୍ୟ ଭୁବନାନନ୍ଦ ରାଉତ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଉକ୍ତ ମନ୍ଦିରକୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତ ବିଭିନ୍ନ ମାନସିକ ରଖି ଶନିଶ୍ଚରଙ୍କ ଉପରେ ଜଳ ଲଗାନ୍ତି। ଯିଏ ଯାହା ମାନସିକ ରଖନ୍ତି ତାହା ପୂରଣ ହୁଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି।



## କୃମିନାଶକ ବଟିକା ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ



ବାଙ୍କୀ, ୮।୨(ସମିସ): ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ସଭାଗୃହରେ ଜାତୀୟ କୃମିନାଶକ ଦିବସ ପାଳନ ଓ ଔଷଧ ବଣ୍ଟନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ପଦ୍ମଲୋଚନ ପଣ୍ଡା ସଭାପତିତ୍ୱ କରି ଚଳିତ ୧୦ ତାରିଖରେ ହେବାକୁ ଥିବା ଜାତୀୟ କୃମି ନାଶକ ଦିବସକୁ ସଫଳ କରିବା ସହିତ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଥିବା ସମସ୍ତ ଶିଶୁମାନଙ୍କୁ କୃମିନାଶକ ବଟିକା ଦେବାପାଇଁ କହିଥିଲେ। ସମ୍ମାନୀତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ବାଙ୍କୀ ଡମପଡ଼ା ବ୍ଲକର ସିଆରସିସି ତପନ କୁମାର ରାମ। ଏନ୍‌ଏସି ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶିକ୍ଷକ ବୃନ୍ଦ ଓ ଅଙ୍ଗନବାଡି କେନ୍ଦ୍ରର କର୍ମକର୍ତ୍ତାମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ପରିଚାଳକ ଶଶିକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତ ଶିକ୍ଷକ ଓ ଅଙ୍ଗନବାଡି କେନ୍ଦ୍ରର କର୍ମକର୍ତ୍ତାଙ୍କୁ କୃମିନାଶକ ବଟିକା ବଣ୍ଟନ କରିବା ପାଇଁ ପ୍ରଦାନ କରାଯାଇଥିଲା।

## ବାଙ୍କୀ ବିଜେପିର ମିଶ୍ରଣ ପର୍ବ

ବାଙ୍କୀ, ୮।୨(ସମିସ): ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ମଣ୍ଡଳର ନରାଜ ପଞ୍ଚାୟତ ମା'ବରୁଣେଇ ପୀଠ ଠାରେ ବିଜେପି ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେପି ଜିଲ୍ଲା ସମ୍ପାଦକ ବିନୋଦ ଦାସ, ବାରଙ୍ଗ ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ, ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ବିଭୂତି ସାହୁ, ଯୁବମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଜଗନ୍ନାଥ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ରତନ ଦାସ, ବିଦ୍ୟାଧର ସାହୁ, ପବିତ୍ର ସାହୁ, ସାଗର ଦାସଙ୍କ ସମେତ ବହୁ ବ୍ୟକ୍ତି ବିଜେପି ଦଳରେ ଯୋଗଦେଇଥିଲେ।

## ସଦର ବିଜେପିର ପ୍ରସ୍ତୁତି ବୈଠକ

କିଶନନଗର, ୮।୨(ସମିସ)



କଟକ ସଦର ବିଜେପି ଯୁବ ନେତା ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆଜି ସ୍ଥାନୀୟ ଧରିଣା ପଞ୍ଚାୟତରେ ସଦର ବିଜେପିର 'ଗାଁ କୁ ଚାଲ ଅଭିଯାନ' ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋପ ଗୋସ୍ୱାମୀ ମଠ ପରିସରରେ ଅନୁଷ୍ଠିତ ଏହି ବୈଠକରେ କଟକ ସଦର ନିର୍ବାଚନମଣ୍ଡଳୀ ପ୍ରଭାରୀ ରଶ୍ମିରେଖା ଦାସ, ଓବିସି ମୋର୍ଚ୍ଚା ସଭାପତି ପ୍ରତାପ ରାଉତ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସାହୁ, ବିରଜା ପ୍ରସାଦ ସାହୁ, ବାଉରିବନ୍ଧୁ ମହାନ୍ତି, ପୂର୍ବତନ ସମିତିସଭ୍ୟ ତଥା ପଞ୍ଚାୟତ ବିଜେପି ସଭାପତି କେଲୁଚରଣ ମହାଳି, ବିଶ୍ୱନାଥ ବସ୍ତିଆ, କିଶନନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ଉରାଳି ମଣ୍ଡଳ ସଭାପତି ପ୍ରଦୀପ ବେହେରା, ପୂର୍ବତନ ମଣ୍ଡଳ ସଭାପତି ଦେବ ଜେନା, ବିମଳ ପଣ୍ଡା, ରଘୁନାଥ ଚୌଧୁରୀ, କ୍ଷୀତିନ୍ଦ୍ର ମିତ୍ର, ପ୍ରତାପ ସେଠୀ, ଅରବିନ୍ଦ ମହାନ୍ତି, ସମିର ସେନାପତିଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୫ମ ଦିନ | ଫାଇନାଲରେ କଟକ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍

ବାଙ୍କୀ, ୮।୨(ସମିସ)



ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଷ ସାହୁ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୫ମ ଦିନର ଖେଳ ଶେଷ ହୋଇଯାଇଛି। ପ୍ରଥମ ସେମିଫାଇନାଲ୍ ଇଣ୍ଡିପେଣ୍ଡେଣ୍ଟ ଫୁଟବଲ୍ କ୍ଲବ କଟକ ସହିତ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ ପପୁଲାର୍ କ୍ଲବ ଢେଙ୍କାନାଳକୁ ୨-୦ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି। ଅତିଥି ଭାବେ ଏନ୍‌ଏସି କାଉନସିଲର ସନାତନ ବେହେରା, ପୂର୍ବତନ କାଉନସିଲର ସୌମେନ୍ଦ୍ର ମିଶ୍ର, ବାଙ୍କୀ ଆଥେଲେଟିକ୍ ଆସୋସିଏସନର ଉପସଭାପତି ବିବେକାନନ୍ଦ ସାମଲ, ଚିତ୍ତ ରଞ୍ଜନ ସାମନ୍ତରାୟ ଓ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେକ୍ ଖାୟାତ୍, ବାଦଲ ନାୟକ ଓ ତପନ ନାୟକ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ଦ୍ୱିତୀୟ ସେମିଫାଇନାଲ୍ ଖେଳ ଖଣ୍ଡପଡ଼ା ସହିତ ଟାଙ୍ଗି ଫୁଟବଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବା ସହ ଆସନ୍ତା ରବିବାର ଦିନ ଫାଇନାଲ୍ ମ୍ୟାଚ୍ ହେବ ବୋଲି ବାଙ୍କୀ କ୍ରୀଡା ସଂସଦ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା ପ୍ରକାଶ କରିଛନ୍ତି।

## ବିଜେପିର 'ଗାଁକୁ ଚାଲ ଅଭିଯାନ'

ସାଲେପୁର, ୮।୨(ସମିସ): ସାଲେପୁର ବିଜେପି ପକ୍ଷରୁ ବାଲିସାହି ପଞ୍ଚାୟତରେ ଗାଁକୁ ଚାଲ ଅଭିଯାନର ଏକ କର୍ମଶାଳା ବରିଷ୍ଠ ବିଜେପି ନେତା ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲ୍ଲା ବିଜେପି ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ସଭାପତି ସରୋଜ କର, ସନ୍ତୋଷ ଭୂୟାଁ, ମହେଶ୍ୱର ମଲ୍ଲିକ, ଅଶ୍ୱିନୀ ଦାସ, ସେକ୍ ମାସୁମ୍ ତୟବ, ଗୋଲକ ଚନ୍ଦ୍ର ନାୟକ, ଦିଲ୍ଲୀପ ସ୍ୱାଇଁ, ସେକ୍ ପୀର ବକ୍ସ ସମେତ ବହୁ ଆଗଧାଡ଼ିର ବିଜେପି ନେତା ଓ କର୍ମୀମାନେ ଯୋଗଦେଇଥିଲେ।






# ବିକାଶ ନକ୍ସାରେ ଗାଁ ରୁ ସହର

## ସହରାଞ୍ଚଳ ବିକାଶକୁ ଗୁରୁତ୍ୱ



ସହରାଞ୍ଚଳ ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ କାମଚଳା ବଜେଟ୍‌ରେ ରାଜ୍ୟ ସରକାର ସହରାଞ୍ଚଳ ଓଡ଼ିଶାର ରୂପାନ୍ତରଣ ପାଇଁ ୧୦ ହଜାର ୭୮୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିରେ ସହରାଞ୍ଚଳ ଜଳ ଯୋଗାଣ ପାଇଁ ବସୁଧା ଅଧିନରେ ୪୧୮ କୋଟି ଟଙ୍କା, ଜାଗା ମିଶନ ପାଇଁ ୧୦୦ କୋଟି ଟଙ୍କା ଓ ନୂତନ ସହର ବିକାଶ ପାଇଁ ୯୧୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ସହରାଞ୍ଚଳ ପରିମଳ ଯୋଜନା ପାଇଁ ୪୩୦ କୋଟି, ସହରାଞ୍ଚଳ ଜଳ ନିଷ୍କାସନ ପାଇଁ ୨୧୪ କୋଟି ଟଙ୍କା, ବର୍ଷା ଜଳ ନିଷ୍କାସନ ଏବଂ ଜଳାଶୟ ବିକାଶ ପାଇଁ ୨୦୦ କୋଟି ଟଙ୍କା, ସହରାଞ୍ଚଳ ସଡ଼କ ପରିବହନ ପାଇଁ ୧୨୦୦ କୋଟି ଟଙ୍କା ଏବଂ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରାଞ୍ଚଳ ଶାସନର ଉନ୍ନତି ପାଇଁ ୮୫୫ କୋଟି ଟଙ୍କା ଓ ଗ୍ରାମୀଣ ସହରୀ ରୂପାନ୍ତରଣ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଅମୃତ ଯୋଜନା ଅଧୀନରେ ୭୬୪ କୋଟି ଟଙ୍କା ଏବଂ ସ୍ୱଚ୍ଛ ଭାରତ ଅଭିଯାନ (ସହରୀ) ପାଇଁ ୫୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।





## ତ୍ୱରିତ ହେବ ଅନୁସୂଚିତ ଜାତି, ଜନଜାତିଙ୍କ ବିକାଶ

ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ତ୍ୱରାନ୍ୱିତ ହେବ। ଏହାସହ ଓବିସି ଓ ସଂଖ୍ୟାଲଘୁ ବର୍ଗଙ୍କ ବିକାଶକୁ ଗତି ମିଳିବ। ଏଥିପାଇଁ ୨୦୨୪-୨୫ ଆର୍ଥିକ ବର୍ଷ କାମଚଳା ବଜେଟରେ ସମୁଦାୟ ୫୮,୫୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

**୫୮,୫୭୫ କୋଟି ବ୍ୟୟ ବରାଦ**

ତନ୍ମଧ୍ୟରୁ ଟ୍ରାଇବାଲ ସବ୍ କମ୍ପୋନେଣ୍ଟ୍ ଅଧୀନରେ ୩୩,୭୩୧ କୋଟି ଓ ଅନୁସୂଚିତ ଜାତି ସବ୍ କମ୍ପୋନେଣ୍ଟ୍ ଅଧୀନରେ ୨୪,୮୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଦିବାସୀ ସଂସ୍କୃତି, ପରମ୍ପରା, ଐତିହ ଓ ପ୍ରତ୍ୟେକ ଜନଜାତିର ସ୍ୱତନ୍ତ୍ର ପରିଚୟ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଓସ୍‌ଡିସ୍‌ଏସ୍)କୁ ୨୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅନୁସୂଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କ ଛାତ୍ରବୃତ୍ତି ପାଇଁ ୧୪୪୯ କୋଟି ଏବଂ ଅନ୍ୱେଷା ଓ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୫୭୪ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଧାର୍ମିକ, ଏତିହ୍ୟ ଓ ପର୍ଯ୍ୟଟନସ୍ଥଳର ବିକାଶ ଲାଗି ୯୦୦ କୋଟି



ରାଜ୍ୟର ଐତିହ୍ୟ, ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳର ଉନ୍ନୟନ ଦିଗରେ ରାଜ୍ୟ ସରକାର ରୂପାନ୍ତରଣ ଅଭିଯାନ ଆରମ୍ଭ କରିଥିବା ବେଳେ ସେଥିପାଇଁ ପାଣ୍ଠିର ଅଭାବ ରଖି ନାହାନ୍ତି। ଏହି କ୍ଷେତ୍ରକୁ ୨୦୨୪-୨୫ ଆର୍ଥିକ ବର୍ଷରେ ପାଖାପାଖି ୯୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଐତିହ୍ୟସ୍ଥଳର ବିକାଶ ପାଇଁ ୩୫୦ କୋଟି ଏବଂ ଅବଢ଼ା ଯୋଜନା ପାଇଁ ୪୩୧ କୋଟି ଟଙ୍କା ଦିଆଯାଇଛି। ସେହିପରି ସମଲେଇ ପ୍ରକଳ୍ପ ପାଇଁ ୫୦ କୋଟି ଏବଂ ଏକାମ୍ର ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟର ହେବ ଆହୁରି ପ୍ରଚାରପ୍ରସାର

**୨୨୦ କୋଟି ଟଙ୍କା ବଜେଟ ବ୍ୟବସ୍ଥା**

ରାଜ୍ୟ ସରକାର ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱବ୍ୟାପୀ କରିବା ପାଇଁ ରାଜ୍ୟ ସରକାର ନିୟମିତ ଭାବେ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ଏହାର ଯେପରି ଅଧିକ ପ୍ରଚାର ପ୍ରସାର ପାଇଁ ୨୨୦ କୋଟି ଟଙ୍କା ବଜେଟରେ ପ୍ରଦାନ କରାଯାଇଛି। ସେହିପରି ବୌଦ୍ଧ ସ୍ମାରକୀ ଏବଂ ଐତିହ୍ୟର ସଂରକ୍ଷଣ ପାଇଁ ୧୫ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ପକ୍କାଘର ପାଇଁ ୪୮୪୩ କୋଟି

**ଭୁବନେଶ୍ୱର,୮ ।୨(ସମିସ):** ଗରିବ ଓ ଅସହାୟଙ୍କ ମୁଣ୍ଡରେ ପକ୍କାଘର ପ୍ରଦାନ କରିବା ପାଇଁ ସମୁଦାୟ ୪୮୪୩ କୋଟି ଟଙ୍କା ରାଜ୍ୟର କାମଚଳା ବଜେଟ୍‌ରେ ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମୀଣ ପାଇଁ ୪୦୫୧ କୋଟି ଓ ସହରାଞ୍ଚଳ ପାଇଁ ୬୯୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିଜୁ ପକ୍କାଘର ପାଇଁ ୧୦୦ କୋଟି ଟଙ୍କା ବଜେଟ୍‌ରେ ବ୍ୟୟବରାଦ କରାଯାଇଛି।

## ସମୃଦ୍ଧ ହେବ ଶକ୍ତିକ୍ଷେତ୍ର

### ୪୩୫୨ କୋଟି ବଜେଟରେ ଆବଣ୍ଟିତ



ଶକ୍ତିକ୍ଷେତ୍ରକୁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଶେଷକରି ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଜୁଳି ସେବାକୁ ପ୍ରାଧାନ୍ୟ ଦିଆଯାଉଛି। ଏହିକ୍ରମରେ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ପାଇଁ ବଜେଟରେ ରାଜ୍ୟ ସରକାର ୪୩୫୨ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି। ଏହି ଅର୍ଥରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପ ଯଥା ଫ୍ଲୋଟିମ ସୋଲାର, ଛାତ ସୋଲାର ଏବଂ ପବନ ଶକ୍ତି ପ୍ରକଳ୍ପର ବିକାଶ ପାଇଁ ଭିଜିଏଫ୍ ବାବାଦକୁ ୨୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଜଙ୍ଗଲ ବିଭାଗ ପାଇଁ ୧୨୧୯ କୋଟି ଟଙ୍କା



ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ରାଜ୍ୟ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି। ଏହି ବିଭାଗ ପାଇଁ କାମଚଳା ବଜେଟ୍‌ରେ ୧୨୧୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବନୀକରଣ ଓ ବନ୍ୟପ୍ରାଣୀ କାର୍ଯ୍ୟକଳାପ ପାଇଁ କାମ୍ପା ଅଧୀନରେ ୯୨୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟର ସବୁଜ ଆବରଣ ବୃଦ୍ଧି ପାଇଁ ୩୫ କୋଟି ଟଙ୍କା ଏବଂ ଆମ ଜଙ୍ଗଲ ଯୋଜନା ପାଇଁ ୧୦ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। ଜାଇକା ସହାୟତାରେ ଓଡ଼ିଶା ଫରେଷ୍ଟ୍ରୀ ସେକ୍ଟର ଉନ୍ନୟନ ଫେଜ୍-୨ ପାଇଁ ୬୨ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ୬୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗ୍ରୀନ୍ ମହାନଦୀ ମିଶନ ଅଧୀନରେ ୪୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଇ-କୋ ଟୁରିଜୀମ୍‌ର ବିକାଶ ଓ ପ୍ରୋତ୍ସାହନ ପାଇଁ ୩୦ କୋଟି ଟଙ୍କା, ହାତୀ ଚଲାପଥ ସମେତ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ୧୯ କୋଟି ଟଙ୍କା ଏବଂ ଆର୍ଦ୍ରଭୂମି ସଂରକ୍ଷଣ ତଥା ବିକାଶ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଏବଂ ସଂରକ୍ଷଣ ପଦକ୍ଷେପ ପାଇଁ ୫୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

## ପ୍ରତି ପଞ୍ଚାୟତରେ ମିଳିବ ବ୍ୟାଙ୍କ ସେବା

**ଆମ ବ୍ୟାଙ୍କ ପାଇଁ ୭୫୦ କୋଟି**

ଭୁବନେଶ୍ୱର,୮ ।୨(ସମିସ): ବ୍ୟାଙ୍କ ସେବାରୁ ବଞ୍ଚିତ ପ୍ରତ୍ୟେକ ପଞ୍ଚାୟତରେ ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ କରିବ 'ଆମ ବ୍ୟାଙ୍କ'। ଲୋକଙ୍କ ହାତ ପାହାନ୍ତାରେ ବ୍ୟାଙ୍କ ସେବା ପହଞ୍ଚାଇବା ପାଇଁ ଆଗାମୀ ବଜେଟରେ ରାଜ୍ୟ ସରକାର ୭୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ସରକାର ୨୦୦୦ଟି ସିଏସ୍‌ପି ପ୍ଲସ୍ ଶାଖା ଖୋଲିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାରେ ବ୍ୟାଙ୍କ ସେବାରୁ ବଞ୍ଚିତ ସମୁଦାୟ ୪୩୭୩ ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିବା ପାଇଁ ଘୋଷଣା କରାଯାଇଛି। ଏଠାରେ ଲୋକଙ୍କୁ ୧୫ ପ୍ରକାର ବ୍ୟାଙ୍କ ସେବା ମିଳୁଛି। ଗତବର୍ଷ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ କରିଥିଲେ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୫୦୦ କୋଟି

ପଶ୍ଚିମ ଓଡ଼ିଶାର ସାମଗ୍ରିକ ବିକାଶ ସରକାରଙ୍କ ଫୋକସରେ ରହିଆସିଛି। କାମଚଳା ବଜେଟରେ ରାଜ୍ୟ ସରକାର ପରିଷଦ ପାଇଁ ୫୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ସେହିପରି ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ପାଇଁ ୪୪୧ କୋଟିର ବ୍ୟୟବରାଦ ହୋଇଥିବା ବେଳେ ବିଜୁ କନ୍ଧମାଳ ଓ ଗଜପତି ଯୋଜନା ପାଇଁ ୨୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ସାମାଜିକ ସୁରକ୍ଷା ପାଇଁ ୪୬୯୯ କୋଟି

ସାମାଜିକ ସୁରକ୍ଷା ପାଇଁ ବଜେଟ୍‌ରେ ମୋଟ୍ ୪୬୯୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ତନ୍ମଧ୍ୟରୁ ବିଭିନ୍ନ ଭତ୍ତା ପାଇଁ ୩୯୮୦ କୋଟି ଟଙ୍କା, ଭିନ୍ନକ୍ଷମ କଲ୍ୟାଣ ପାଇଁ ୨୦୭କୋଟି ଏବଂ ଦୁଃଖୀ ଓ ଦରୀଦ୍ର ଜନଙ୍କ କଲ୍ୟାଣ ପାଇଁ ୮୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ୮ ହଜାର କୋଟିରେ ଘରେ ଘରେ ପହଞ୍ଚିବ ପାନୀୟ ଜଳ

ଜଳ ହିଁ ଜୀବନ। ଘରେ ଘରେ ପହଞ୍ଚିବ ପାନୀୟ ଜଳ। ରାଜ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ଚଳିତ ବଜେଟରେ ୮ ହଜାର କୋଟିରୁ ଅଧିକ ପାଣ୍ଠି ବ୍ୟୟବରାଦ କରାଯାଇଛି। ଜଳ ଜୀବନ ମିଶନ୍ ପାଇଁ ୬୦୦୦ କୋଟି ଟଙ୍କା ଦିଆଯାଇଛି। ସେହିପରି ବସୁଧା ଯୋଜନା ପାଇଁ ୨୦୦୦ କୋଟି ମିଳିଥିବା ବେଳେ ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୭୩ କୋଟି ଟଙ୍କା ଦିଆଯାଇଛି।



# ରାଜ୍ୟ ବଜେଟ ମତାମତ

## ସବୁ କ୍ଷେତ୍ରକୁ ବିଶେଷ ଧ୍ୟାନ



କାମଚଳା ବଜେଟରେ ବିଭିନ୍ନ କ୍ଷେତ୍ରକୁ ବ୍ୟୟବରାଦ ବେଶ ଭଲ ରହିଛି। ଏତେ କମ୍ ସମୟରେ ଅଧିକ ଅର୍ଥ ଖର୍ଚ୍ଚ କରିବା ରାଜ୍ୟ ସରକାରଙ୍କ ପାଇଁ ବଡ କଥା ହେବ। କେନ୍ଦ୍ର ବେଜଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୩% ଅର୍ଥ ବ୍ୟୟ ବରାଦ କରାଯାଉଥିବାବେଳେ ରାଜ୍ୟ ସରକାର ପାଖାପାଖି ୭.୭% ଅର୍ଥ ବ୍ୟୟ ବରାଦ କରିବା ଉଲ୍ଲେଖନୀୟ ବିଷୟ। ନିର୍ମାଣ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଭିତ୍ତିଭୂମି ପାଇଁ ବ୍ୟୟ ବରାଦ ଏଥିରେ ଭଲ ରହିଛି। ଅପରପକ୍ଷେ ମେଟ୍ରୋ ରେଳ ପ୍ରକଳ୍ପକୁ ଆଗେଇନେବା ଲାଗି ଅତିରିକ୍ତ ବଜେଟ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**- ତ୍ରିନାଥ ଲେଙ୍କା, ଅର୍ଥନୀତିଜ୍ଞ**

## ମୋ ସ୍କୁଲ ପାଇଁ ଅଧିକ ବ୍ୟୟବରାଦ ଭଲ ପଦକ୍ଷେପ



ରାଜ୍ୟ ସରକାର ଆଜି କାମଚଳା ବଜେଟ ଉପସ୍ଥାପନା କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବଜେଟରେ ଶିକ୍ଷା ପାଇଁ କିଛି ଅଧିକ ବ୍ୟୟ ବରାଦ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ରୂପାନ୍ତରିକରଣ ପାଇଁ ଆହୁରି ଅଧିକ ବ୍ୟୟ ବରାଦ କରିବାର ଥିଲା। ଆଦର୍ଶ ବିଦ୍ୟାଳୟ ପାଇଁ ଅଧିକ ବ୍ୟୟ ବରାଦ ହୋଇଛି, ମୋ ସ୍କୁଲ ପାଇଁ ବ୍ୟୟ ବରାଦ ଅଧିକ ନିଶ୍ଚିତ ଭଲ ପଦକ୍ଷେପ। ଉଚ୍ଚ ଶିକ୍ଷା ପାଇଁ ଆହୁରି ଅଧିକ ବ୍ୟୟ ବରାଦ ହେବାର ଆବଶ୍ୟକ ଥିଲା।

**- ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା ଅଭିଭାବକ ମହାସଂଘ**



## ପରିବହନ, ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆସିବ

ଓଡ଼ିଶାରେ ପରିବହନ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି। ତେବେ ଏହି କ୍ଷେତ୍ରରେ ଆହୁରି ସୁଧାର ଆସିବା ଜରୁରୀ। ଏହାକୁ ବିଚାର କରି ସରକାର ଦୁଇ କ୍ଷେତ୍ରକୁ ଯାହା ଅନୁଦାନ ଦେଇଛନ୍ତି ତାହାର ବଡ଼ ସୁଫଳ ମିଳିବ। ରାଜ୍ୟର ବିକାଶ କ୍ଷେତ୍ରରେ ଉତ୍ତମ ପରିବହନ ଓ ଗମନାଗମନ ବ୍ୟବସ୍ଥା ଆହୁରି ତ୍ୱରାନ୍ୱିତ ହେବ।

ଗଗନଜିତ୍ ନାଥ



## କୃଷି ଓ ଶିଳ୍ପକୁ ଅଧିକ ଧ୍ୟାନ ଦେବା ଆବଶ୍ୟକ

ଅନ୍ତରୀଣ ବଜେଟରେ ରାଜ୍ୟ ସରକାର ନିର୍ବାଚନକୁ ନଜରରେ ରଖି କେବଳ ଯାହା ଅର୍ଥ ବ୍ୟୟ ବରାଦ କରିଛନ୍ତି। ରାଜ୍ୟରେ ଅନେକ ସରକାରୀ ଶିଳ୍ପ ସଂସ୍ଥା ରୁଗ୍‌ଣ ହୋଇପଡିରହିଛି। ସେଗୁଡିକୁ ପୁନରୁଦ୍ଧାର କରିବା ପାଇଁ ବଜେଟରେ ସ୍ୱତନ୍ତ୍ର ପଦକ୍ଷେପର ଆବାଶ୍ୟକତା ଥିଲା। ରାଜ୍ୟ ସରକାର କୃଷିକୁ ଗୁରୁତ୍ୱ ଦେଉଛନ୍ତି ହେଲେ କୃଷି ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ବଜେଟରେ ଅଧିକ ବ୍ୟୟବ ରାଦର ଆବଶ୍ୟକତା ଥିଲା।

**ଶକ୍ତିଶଙ୍କର ମିଶ୍ର**
**ସାଧାରଣ ସମ୍ପାଦକ, କୁବେରପୁରୀ ବ୍ୟବସାୟୀ ମହାସଂଘ**



## ପୂର୍ଣ୍ଣାଙ୍ଗ ବଜେଟ ସବୁ କ୍ଷେତ୍ରକୁ ସରକାର ଗୁରୁତ୍ୱ

ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳର ବିକାଶ ଭଳି କ୍ଷେତ୍ରକୁ ପର୍ଯ୍ୟାପ୍ତ ପାଣ୍ଠି ମିଳିଛି। ରାଜ୍ୟରେ ରୂପାନ୍ତରଣ କାମ କ୍ଷିପ୍ର ଗତିରେ ଚାଲିଥିବା ବେଳେ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଏହି ବଜେଟ୍ ସହାୟକ ହେବ।

**ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ମ୍ୟାନେଜମେଣ୍ଟ ଛାତ୍ରୀ**

## ପ୍ରଗତିଶୀଳ ବଜେଟ



ପୂର୍ବବର୍ଷ ଭଳି ଚଳିତଥର ବଜେଟରେ ରାଜ୍ୟ ସରକାର ସବୁ କ୍ଷେତ୍ରରେ ପ୍ରଗତିକୁ ବିଶେଷ ଧ୍ୟାନ ଦେଇଛନ୍ତି। ଓଡ଼ିଶାକୁ ଆତ୍ମ ନିର୍ଭରଶୀଳ କରିବା ଦିଗରେ ଏହି ବଜେଟରେ କୌଣସି ନିର୍ବାଚନୀ ପ୍ରଲୋଭନ ନାହିଁ। ନୂଆ ପ୍ରକଳ୍ପକୁ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ନିର୍ମାଣ କରିବା ଲାଗି ବଜେଟରେ ବ୍ୟବସ୍ତା କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ଅପରପକ୍ଷେ ଏଥର ବଜେଟରେ ମେଟ୍ରୋରେ, କ୍ରୀଡା,ପରିବହନ, କୃଷି, ମହିଳା ସଶକ୍ତିକରଣ ଏବଂ ଭିତ୍ତିଭୂମି ଆଦି କ୍ଷେତ୍ରକୁ ଯେଉଁଭଳି ଅର୍ଥ ବ୍ୟୟବରାଦ କରାଯାଇଛି।

**- ସଞ୍ଜୟ ଲାଠ୍, ମହାସଚିବ, ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର ମହାସଂଘ**

## କାମଚଳା ବଜେଟ ଗତାନୁଗତିକ



ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆଜି ଅପରାହ୍ନରେ ବିଧାନସଭାରେ ୧ଲକ୍ଷ ୧୮ ହଜାର କୋଟି ଟଙ୍କାର ଅନ୍ତରୀଣ ବଜେଟ୍ ଆଗତ କରିଛନ୍ତି। ଏହି ବଜେଟରେ କିଛି ନୂତନତ୍ୱ ନାହିଁ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ କୁହାଯାଇଛି। ବଜେଟ ଗତାନୁଗତିକ ଓ ରାଜ୍ୟବାସୀଙ୍କ ପକ୍ଷରୁ ବଜେଟ୍‌କୁ ନେଇ କରାଯାଉଥିବା ଆଶା ଓ ଆକାଂକ୍ଷା ଏହି ବଜେଟ୍‌ରେ ପ୍ରତିଫଳିତ ନୁହେଁ। ସର୍ବୋପରି ଏହି ବଜେଟ ଓଡ଼ିଶାବାସୀଙ୍କ ପାଇଁ ନିରାଶଜନକ ଓ ଗତାନୁଗତିକ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ପ୍ରକାଶ କରାଯାଇଛି।

**- ରବି ବେହେରା, ରାଜ୍ୟ ଶାଖା ସଭାପତି ସମାଜବାଦୀ ପାର୍ଟି**

